## ସଂକ୍ଷେପରେ

### ୨ ଲାପଟପ୍, ୫ ମୋବାଇଲ ଜବତ: ଜଣେ ଗିରଫ

**ଫୁଲନଖରା,୨୪।୩(ଡି.ଏନ୍.ଏ.):** ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ଝାଞ୍ଜିରମଙ୍ଗଳା ଲୁଣିଆ ସାହିରେ ଘରଭଡ଼ା ନେଇ ରହୁଥିବା ନିଆଳି ଥାନା ହାଟସାହି ଗ୍ରାମର ସଞ୍ଜୀବ କୁମାର ସାହୁ। ତାଙ୍କଠାରୁ ଦୁଇଟି ଲାପ୍‌ଟପ୍ ଓ ୫ଟି ମୋବାଇଲ ଫୋନ ଜବତ କରାଯାଇଛି। କଟକ ସଦର ଥାନା ସଇଁନ୍ଦା ଗ୍ରାମର ଦାମୋଦର ସାହୁଙ୍କ ଘରୁ ଗତ ୨ ତାରିଖ ରାତିରେ ଲାପ୍‌ଟପ୍ ଓ ଦୁଇଟି ଦୁଇ ସ୍ମାର୍ଟଫୋନ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୮୮/୨୧) ରୁଜୁ କରିଥିଲା।

### ଶିକ୍ଷକ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣ ଶିବିର

**ତିଗିରିଆ,୨୪।୩ (ଡିଏନଏ):** ତିଗିରିଆ ବ୍ଲକ ଗଦାଧରପୁର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗଦାଧରପୁର ଓ ବଡ଼ନାଉପୁଟ କ୍ଲଷ୍ଟରର ପ୍ରାଥମିକ ଶିକ୍ଷକମାନଙ୍କର ଦକ୍ଷତା ଭିତ୍ତିକ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋ ଯୋଗଦେଇଥିଲେ। ନିରୀକ୍ଷକ ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ତିଗିରିଆ ବ୍ଲକ ଦାୟିତ୍ୱରେ ଥିବା ପରିଚାଳିକା ଗୀତାଞ୍ଜଳି ରାଉତ ଯୋଗଦେଇ ଶିକ୍ଷାର୍ଥୀଙ୍କୁ ପୂର୍ଣ୍ଣାଙ୍ଗ ମଣିଷ ଭାବେ ଗଢ଼ି ତୋଳିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗଦାଧରପୁର ଓ ବଡନାଉପୁଟ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଗୋଛି ଓ ପ୍ରଭାତ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ୭୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଶିକ୍ଷକ ଧ୍ରୁବଚରଣ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଗେନ୍ଦ୍ର ପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାଧନ ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଛାତ୍ରୀଙ୍କୁ ଅପହରଣ ଉଦ୍ୟମ: ୩ କୋର୍ଟଚାଲାଣ

**କଣ୍ଟାପଡା,୨୪।୩(ଡି.ଏନ୍.ଏ.):** କଲେଜ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ମହାଜନପୁରର ନଗେନ୍ଦ୍ର ସେଠୀ, ବଡମ୍ବା ଥାନା ମାଣିଆବନ୍ଧର ଆଲୋକ ସାହୁ ଓ ଜଗତ୍‌ପୁରର ପ୍ରକାଶ ଲେଙ୍କା। ଏ ନେଇ ଥାନାରେ ମାମଲା (ନଂ. ୨୮/୨୧) ରୁଜୁ ହୋଇଛି। ମଙ୍ଗଳବାର ସକାଳେ ଛାତ୍ରୀଜଣଙ୍କ କଲେଜ ଯାଉଥିବାବେଳେ ଅଭିଯୁକ୍ତମାନେ କାରରେ ତାଙ୍କୁ ଅପହରଣ ପାଇଁ ଉଦ୍ୟମ କରିଥିଲେ।

### ପୋଲିସ ଉଚିତ ପଦକ୍ଷେପ ନେବାକୁ ଦାବି

**କଟକ ଅଫିସ,୨୪।୩:** କୃଷକ ନେତା ରାକେଶ ଟିକାଏତଙ୍କୁ ଗତ ୧୯ ତାରିଖରେ କଟକ ଶିଖରପୁରସ୍ଥିତ ଗୁରୁଦ୍ୱାରଠାରେ ଦେବସେନା ପକ୍ଷରୁ ବିରୋଧ କରାଯାଇଥିଲା। ଏହାକୁ ନେଇ ସେଠାରେ ଦେବସେନାର ସଦସ୍ୟ ଓ ଶିଖ୍ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ମାଲଗୋଦାମ ପୋଲିସ ଦେବସେନାର ଯୁବ ପ୍ରଦେଶ ଅଧ୍ୟକ୍ଷ ଅବିନାଶ ମହାନ୍ତିଙ୍କୁ ଅଟକ ରଖିଥିଲା। ଏ ନେଇ ସେନା ପକ୍ଷରୁ ବୁଧବାର ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି, ଶିଖ୍ ସମ୍ପ୍ରଦାୟ ଲୋକମାନେ ଅବିନାଶଙ୍କୁ ଆକ୍ରମଣ କରିଥିଲେ। ହେଲେ ମାଲଗୋଦାମ ପୋଲିସ ଅବିନାଶଙ୍କ ବିରୋଧରେ ଆର୍ଣ୍ଣି ଆର୍ମସ୍ ଆକ୍ଟ ୨୫ ଦଫା ଲଗାଇଛି। ଏଭଳି ଦଫା ଲଗାଇବା ପଛରେ କିଛି ଯୋଜନା ରହିଥିବା ସନ୍ଦେହ କରାଯାଉଛି। ଏ ବିଷୟରେ ସେନା ପକ୍ଷରୁ ମଧ ନିର୍ଦ୍ଦିଷ୍ଟ ଲୋକଙ୍କ ନାମରେ ମଙ୍ଗଳବାର ମାଲଗୋଦାମ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଠିକ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶାର ରାଷ୍ଟ୍ରୀୟ, ପ୍ରାଦେଶିକ ଓ ଆଞ୍ଚଳିକ ସ୍ତରର ହିନ୍ଦୁ ସଙ୍ଗଠନଗୁଡ଼ିକ ଏକତ୍ରିତ ହୋଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯିବ ବୋଲି ସେନା ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ସେନାର ପ୍ରଦେଶ ଅଧ୍ୟକ୍ଷ ଘେନୁରାମ ମଙ୍ଗରାଜ ଓ ପ୍ରାଦେଶିକ ପ୍ରବକ୍ତା ବ୍ରହ୍ମଦତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଅବିନାଶଙ୍କ ନିକଟରୁ ଏକ ଛୁରି ମିଳିଥିଲା। ତାଙ୍କ ନାମରେ ଲାଗିଥିବା ଦଫାର ଯଥାର୍ଥତା ରହିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି।

# ୯୪ ବାସଗୃହ, ୬୧ ଦୋକାନ ଭଙ୍ଗାଗଲା

**କଟକ ଅଫିସ, ୨୪।୩**

**ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ**



ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

କିଛିଦିନର ବ୍ୟବଧାନ ପରେ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ କରାଯାଇଥିଲା। ସକାଳ ୮ଟାରୁ ଅପରାହ୍ଣ ସାଢେ ୧ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିଥିଲା। ପ୍ରଥମେ ରାଣୀହାଟ ଛକ ନିକଟରୁ ଉଚ୍ଛେଦ ଆରମ୍ଭ ହୋଇଥିଲା। ପରେ ଶଗଡିଆ ସାହି, ମାତୃଭବନ, କଲ୍ୟାଣନଗର, ଅନ୍ଦରପୁର ଓ ନୂଆବଜାର ଗୋଶାଳା ନିକଟରେ ଉଚ୍ଛେଦ କାର୍ଯ୍ୟ ସମାପ୍ତ ହୋଇଥିଲା। ୬ଟି ଜେସିବି ସାହାଯ୍ୟରେ ଜବରଦଖଲରେ ଥିବା ୯୪ ବାସଗୃହ ଓ ୬୧ ଦୋକାନ ଭଙ୍ଗା ଯାଇଥିଲା। ବିସ୍ଥାପିତଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବାଲିସାହି ଶାର୍ତ୍ତୋଳସ୍ଥିତ ଅସ୍ଥାୟୀ କ୍ୟାମ୍ପରେ ୧୦ଫୁଟ ଚଉଡା ଓ ୧୦ ଫୁଟ ଲମ୍ବରେ ଟେଣ୍ଟ ନିର୍ମାଣ କରି ଥଇଥାନ କରାଯିବା ସହ ୫୦,୦୦୦ ଟଙ୍କାର ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଏପରି କି ସେଠାରେ ସେମାନଙ୍କୁ ୮ ଦିନ ପାଇଁ ରନ୍ଧାଖାଦ୍ୟ ଓ ଜରୁରୀ ଔଷଧ ଯୋଗାଇ ଦିଆଯିବ। ତେବେ ସେମାନଙ୍କୁ ସେଠାରେ ୧୫ ଫୁଟ ଓସାର ଓ ୧୫ ଫୁଟ ଲମ୍ବର ବାସୋପଯୋଗୀ ପ୍ଲଟ୍ ପୂର୍ବରୁ ଯୋଗାଇ ଦିଆଯାଇଛି। ବିସ୍ଥାପିତଙ୍କ ଆସବାବପତ୍ର ସ୍ଥାନାନ୍ତର ପାଇଁ ସିଏମ୍‌ସି ପକ୍ଷରୁ ୮ଟି ଟ୍ରାକ୍ଟର ବ୍ୟବସ୍ଥା କରାଯାଇଥିଲା। ଉଚ୍ଛେଦ ସମୟରେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଉପଜିଲାପାଳ ସୁକାନ୍ତ କୁମାର ବେଉରିଆ, କଟକ ସଦର ଅତିରିକ୍ତ ତହସିଲଦାର ଅକ୍ଷୟ ପରିଡା, ଏସିପି ଏସ୍. କେ. ସରିଫଉଦ୍ଦିନ୍, ଶୁଭନାରାୟଣ ମୁଦୁଲି, ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର, ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ସମେତ ଦୁଇ ପ୍ଲାଟୁନ ଫୋର୍ସ ରହିଥିଲେ।

# କରୋନା ଆକ୍ରାନ୍ତଙ୍କୁ ଦେଖି ବେଡ୍ ସଂଖ୍ୟା ବୃଦ୍ଧି କରାଯିବ

**କଟକ ଅଫିସ, ୨୪।୩**

**ଜିଲା ପ୍ରଶାସନ ଓ ସିଏମ୍‌ସିର ପଦକ୍ଷେପ**

କଟକ ସହରରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ତଳେ କଟକର ଏକ ଘରୋଇ ଶିକ୍ଷାନୁଷ୍ଠାନରେ କେତେଜଣ ଛାତ୍ରୀଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଶିକ୍ଷାନୁଷ୍ଠାନକୁ ସିଲ୍ କରିଦିଆଯାଇଥିଲା। ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ମୋଟ୍ ୧୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ହୋମ୍ କ୍ୱାରେଣ୍ଟାଇନ୍‌ରେ ରହିଥିବା ଜଣାପଡିଛି। ତେବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଜିଲା ପ୍ରଶାସନ ଓ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି। କରୋନା ରୋଗୀଙ୍କ ପାଇଁ ଏସ୍‌ସିବି ମେଡିକାଲରେ ସ୍ୱତନ୍ତ୍ର କରୋନା ୱାର୍ଡ ଖୋଲାଯାଇଛି। ଚକ୍ଷୁ ବିଭାଗ ଚତୁର୍ଥ ମହଲାର ଗୋଟିଏ ପଟେ ଆଇସୋଲେସନ୍ ଓ ଅନ୍ୟପଟେ କରୋନା ୱାର୍ଡ କରାଯାଇଛି। ଏହି ୱାର୍ଡରେ ମୋଟ୍ ୭୫ଟି ବେଡ୍ ବ୍ୟବସ୍ଥା କରାଯାଇଥିବାବେଳେ ସେଥିମଧ୍ୟରେ ୨୩ଟି ଆଇସିୟୁ ବେଡ୍ ରହିଛି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସେହି ଅନୁପାତରେ ବେଡ୍ ବୃଦ୍ଧି କରାଯିବ। ଆବଶ୍ୟକ ପଡ଼ିଲେ ଏହି ବେଡ୍ ସଂଖ୍ୟା ୫୦୦କୁ ବୃଦ୍ଧି କରାଯିବ। ଏବେ ୨୫ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସହରବାସୀ ଏବେ ଯଦି କରୋନାକୁ ନେଇ ସଚେତନ ନ ହୁଅନ୍ତି ତେବେ ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

# ପୋଷାକ ଯୋଗାଣରେ ଅନିୟମିତତା

**କଟକ ଅଫିସ, ୨୪।୩**

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ଓଡ଼ିଶା ସୂଚନା ଅଧିକାର ଅଭିଯାନ**

କଟକ ଜିଲାର ବିଭିନ୍ନ ବିଦ୍ୟାଳୟରେ ପୋଷାକ ଓ ଜୋତା ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) କଟକ ଜିଲା ଶାଖା ପକ୍ଷରୁ ଏଭଳି ଅଭିଯୋଗ କରାଯାଇ ବୁଧବାର ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ଓପେପା ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ୨୦୧୪ରୁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର ଦେଇଥିବା ଅର୍ଥ ଓ ଯୋଗାଣ ହୋଇଥିବା ପୋଷାକ ମାନର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଓସା ଦାବି କରିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସର୍ବଶିକ୍ଷା ଅଭିଯାନରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ ଜିଲାର ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିମନ୍ତେ ୪୦୦ ଟଙ୍କା ମୂଲ୍ୟର ଦୁଇ ହଳ ପୋଷାକ, ୨୦୦ ଟଙ୍କାରେ ଏକହଳ ଜୋତା ଓ ଦୁଇହଳ ମୋଜା ଦିଆଯିବା ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀ, ପ୍ରଧାନଶିକ୍ଷକ, ଯୋଗାଣ ସଂସ୍ଥାର ମଧୁଚନ୍ଦ୍ରିକାରେ ନିମ୍ନମାନର ପୋଷାକ ବଣ୍ଟନ ଓ ଜାଲ୍ ରସିଦ ଦାଖଲ କରି ସରକାରଙ୍କ ଅର୍ଥ ହରିଲୁଟ୍ କରାଯାଉଛି। ଏପରି କି ପଞ୍ଜୀକୃତ ସଂସ୍ଥାଠାରୁ କ୍ରୟ ନ କରିବା ଓ ଆକାଉଣ୍ଟ ପେ ଚେକ୍ ନ ଦେବାରୁ ଜିଏସ୍‌ଟି ବାବଦରେ ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଛି। ୨୦୧୫ରେ ପୋଷାକ ବଣ୍ଟନରେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଦୁର୍ନୀତି ହୋଇଥିବା ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଓସାର କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅକ୍ଷୟ ପଣ୍ଡା, ମନୋରଞ୍ଜନ ଜେନା, ସେକ୍ ଗୁଲାମ ମୋଇଉଦ୍ଦିନ, ରବୀନ୍ଦ୍ର ସାହୁ, ଗତିକୃଷ୍ଣ ବେହୁରା ପ୍ରମୁଖ ଜିଲାପାଳଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା: ଶାଶୁ,ଶ୍ୱଶୁର ଗିରଫ

**କଣ୍ଟାପଡା,୨୪।୩(ଡି.ଏନ୍.ଏ.)**

ସ୍ଥାନୀୟ ଅରିଶୋଲ ଗ୍ରାମର କନକଲତା ଦାସ ନାମ୍ନୀ ମହିଳା ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମୃତା ମହିଳାଙ୍କ ଶାଶୁ ଚାରୁଲତା ଦାସ(୬୫) ଓ ଶ୍ୱଶୁର ଗତନାଥ ଦାସ(୭୫)। ଏ ନେଇ ଥାନାରେ ଏକ ମାମଲା(ନଂ.୩୦/୨୧) ରୁଜୁ ହୋଇଛି। କନକଲତାଙ୍କ ଭାଇ ସରୋଜ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, କନକଲତାଙ୍କଠାରୁ ଗତନାଥ କିଛି ଟଙ୍କା ଧାର୍ ନେଇଥିଲେ। ଉକ୍ତ ଟଙ୍କା ମାଗିବାରୁ ଶାଶୁଶ୍ୱଶୁର, ଯାଆ, ଦିଅର ମିଶି ତାଙ୍କୁ ଶାରୀରିକ ନିର୍ଯାତନା ଦେଉଥିଲେ। ଅତ୍ୟାଚାର ସହି ନ ପାରି କନକଲତା ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର କନକଲତା ଶୋଇବା ଘର କବାଟ ନ ଖୋଲିବାରୁ ପରିବାର ଲୋକେ ପୋଲିସକୁ ରାତିରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।

# ବକେୟା ବିଦ୍ୟୁତ୍ ବିଲ୍ ଆଦାୟକୁ ବିରୋଧ

**ଚୌଦ୍ୱାର,୨୪।୩(ଡି.ଏନ୍.ଏ.)**

ବକେୟା ବିଦ୍ୟୁତ୍ ବିଲ୍ ଆଦାୟକୁ ବିରୋଧ କରି ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଚୌଦ୍ୱାରର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ସଂସ୍ଥା ଟାଟା ପାୱାରର ଏସ୍‌ଡିଓ ସମୀର କୁମାର ପଢିହାରୀଙ୍କୁ ପ୍ରଦାନ କରାଯାଇଛି। କରୋନା ଯୋଗୁ ସାଧାରଣ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିବାବେଳେ ବକେୟା ବିଦ୍ୟୁତ୍ ବିଲ୍ ପ୍ରଦାନ ପାଇଁ ଉକ୍ତ ସଂସ୍ଥା ଲୋକଙ୍କ ଉପରେ ଜୁଲମ କରୁଛି। ଏପରି କି ବକେୟା ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିବାକୁ ଧମକ ଦେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଭୋକ୍ତାଙ୍କ ସକ୍ଷମ ଅନୁଯାୟୀ ବକେୟା ଅର୍ଥ ଆଦାୟ କରିବା ସହିତ ସେମାନଙ୍କ ଉପରେ ଚାପ ପ୍ରୟୋଗ ନ କରିବାକୁ ଦାବି କରାଯାଇଛି। ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନବେଳେ ରାଜୀବ ମହାନ୍ତି, ସୁବାସ ଦଳେଇ, ହରିହର ପରିଡା, କୈଳାସ ସାହାଣିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପଢିହାରୀ କହିଛନ୍ତି, ଉପଭୋକ୍ତାଙ୍କ ଉପରେ ଜୁଲମ ହେଉନି କି ଧମକ ଦିଆଯାଉନାହିଁ।

# ଚିତ୍ରକଳାରେ ସୁଭାଷଙ୍କ ଜୀବନୀ ବାର୍ତ୍ତା



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ଓ ଅନ୍ୟମାନେ

**ପୁରୁଣା ଭୁବନେଶ୍ୱର,୨୪।୩(ଡି.ଏନ୍.ଏ.)**

ଶାନ୍ତିସ୍ତୁପ ନିକଟରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ଇଣ୍ଡିଆ ଟୁରିଜମ ଆନୁକୂଲ୍ୟରେ ଆୟୋଜିତ ହୋଇଛି ଶହୀଦ ଦିବସ ଓ ସୁଭାଷ ଜୟନ୍ତୀ। ଏହି ଅବସରରେ ଚାରୁକଳା ମହାବିଦ୍ୟାଳୟର ୧୧ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ଏକ ଚିତ୍ରକଳା ଶିବିର। ଏଥିରେ ମୁଖ୍ୟଅତିଥି ରୂପେ ଇଣ୍ଡିଆ ଟୁରିଜମ୍‌ର ସହାୟିକା ନିର୍ଦ୍ଦେଶିକା ରଶ୍ମି ସୋନିଆ ଟିର୍କି, ମହାବିଦ୍ୟାଳୟର ସମ୍ପାଦକ ମିହିରକାନ୍ତ ପ୍ରହରାଜ ଓ ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମହାବିଦ୍ୟାଳୟର ନ୍ୟାଶନାଲ ସେବା ଯୋଜନାର ସ୍ୱେଚ୍ଛାସେବୀ ଜ୍ୟୋତିର୍ଦେବ ସିଂ, ଗତିକୃଷ୍ଣ ନାୟକ, ପ୍ରଶାନ୍ତି ସାମଲ, ରଶ୍ମିତା ଭୂୟାଁ, ସୁଲଗ୍ନା ଦାସ, ସିନୁଲତା ଦାସ, ଆଦ୍ୟାସା ମିଶ୍ର, ଅର୍ପିତା ଦାସ, ବିଶ୍ୱଦୀପ ବିଶ୍ୱାଳ, ଶକ୍ତିରଞ୍ଜନ ବାରିକ ଓ ସୁଜିତ କୁମାର ମଲ୍ଲିକ ପ୍ରମୁଖ ୧୧ଜଣ ଛାତ୍ରଛାତ୍ରୀ ୧୨୫ତମ ଜୟନ୍ତୀ ଅବସରରେ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ସୃଜନଶୀଳ ଚିତ୍ରକଳା ଅଙ୍କନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଚନ୍ଦନ ସାମଲ, ବିଶ୍ୱକାନ୍ତ ପଣ୍ଡା, ମାନସ ରଞ୍ଜନ ନାୟକ, ଅଧ୍ୟାପିକ ସସ୍ମିତା କାମିଲା, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୋଭିଡ୍ ନିୟମ ମାନି ପ୍ରଦର୍ଶନୀ କରିଥିଲେ।

# ରେଡ୍‌କ୍ରସ ରକ୍ତଭଣ୍ଡାର ସ୍ଥାନାନ୍ତର ବନ୍ଦ ଦାବି

**କଟକ ଅଫିସ, ୨୪।୩**

କଟକ ଏସ୍‌ସିବି ମେଡ଼ିକାଲର ସମ୍ପ୍ରସାରଣ ପାଇଁ ଜନବସତିଠାରୁ ଆରମ୍ଭ କରି ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ଉଚ୍ଛେଦ ସହିତ ସ୍ଥାନାନ୍ତର କରାଯାଉଛି। ଏହି ସ୍ଥାନାନ୍ତର ତାଲିକାରେ ୧୯୫୯ରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ପ୍ରଥମ ରେଡ୍‌କ୍ରସ ରକ୍ତଭଣ୍ଡାର ରହିଛି। ଏହି ରକ୍ତ ଭଣ୍ଡାର ଉପରେ କଟକ ସହରର ୧୮୦ରୁ ଊର୍ଦ୍ଧ୍ୱ ଘରୋଇ ନର୍ସିଂହୋମ, ଶିଶୁଭବନ, ଆଚାର୍ଯ୍ୟ ହରିହର କ୍ୟାନସର ସେଣ୍ଟର, ସିଟି ହସ୍ପିଟାଲ, ଯାଜପୁର, କେନ୍ଦ୍ରାପଡା, ଭୁବନେଶ୍ୱର, ଜଗତ୍‌ସିଂହପୁର ଆଦି ଜିଲାର ରୋଗୀମାନେ ଏହା ଉପରେ ନିର୍ଭରଶୀଳ। ଏତଦ୍‌ବ୍ୟତୀତ ୨୫ ରୁ ୩୦ ଥାଲସେମିଆ ରୋଗୀ ଦୈନିକ ରକ୍ତ ନେବା ସହିତ ୧୦ ରୁ ୧୫ ଥାଲସେମିଆ ରୋଗୀ ଏଠାରୁ ରକ୍ତ ନେଇ ଅନ୍ୟତ୍ର ଲଗାଇଥାନ୍ତି । ବର୍ତ୍ତମାନ ବାର୍ଷିକ ୪୫ ହଜାର ରକ୍ତ ଏବଂ ୫୦ହଜାର ପ୍ଲାଜମା ପ୍ଲେଟ୍‌ଲେଟ୍ ସଂଗହ କରାଯାଇ ଏଠାରେ ମହଜୁଦ ରହିଛି । କ୍ରମାଗତଭାବେ ୫ବର୍ଷ ଧରି ସର୍ବାଧିକ ରକ୍ତ ସଂଗ୍ରହ ପାଇଁ ଏହି ରକ୍ତଭଣ୍ଡାର ସର୍ବଭାରତୀୟ ସ୍ଥରରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇପାରିଛି । କିନ୍ତୁ ଦୁଃଖର ବିଷୟ ଯେଉଁମାନଙ୍କ ପାଇଁ ଏହା ଆଗେଇ ପାରୁଛି ସେହି ରକ୍ତଭଣ୍ଡାର କାର୍ଯ୍ୟରତ କର୍ମଚାରୀଙ୍କୁ ଆଜିପର୍ଯ୍ୟନ୍ତ ସପ୍ତମ ବେତନ କମିସନ ପ୍ରଦାନ କରାଯାଇନାହିଁ । ଅନ୍ୟପକ୍ଷରେ ଏଭଳି ପରିସ୍ଥିତିରେ ଉକ୍ତ ରକ୍ତଭଣ୍ଡାରକୁ ସ୍ଥାନାନ୍ତର କରାଗଲେ ରେଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୁଧବାର କଟକ ରେଡ୍‌କ୍ରସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ରବିନାରାୟଣ ସାହୁ, ସହ-ସମ୍ପାଦକ ପୃଥ୍ୱୀରାଜ ଉଦୟଭାନ ସୂଚନା ଦେଇଛନ୍ତି।

# ସିଏମ୍‌ସି ସଫେଇ କର୍ମଚାରୀଙ୍କ ନିମନ୍ତେ ଋଣ ମେଳା

**କଟକ ଅଫିସ, ୨୪।୩**

ସଫେଇମିତ୍ର ସୁରକ୍ଷା ଚ୍ୟାଲେଞ୍ଜ୍ ଯୋଜନା ଅଧୀନରେ କଟକ ମହାନଗର ନିଗମ (ସିଏମ୍‌ସି) ସଫେଇ କର୍ମଚାରୀଙ୍କ ନିମନ୍ତେ ସ୍ଥାନୀୟ ସହିଦ୍‌ଭବନଠାରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ସଫେଇ କର୍ମଚାରୀଙ୍କର ବୃତ୍ତି ଗତ ଓ ସାମାଜିକ ସମୃଦ୍ଧି କରଣ ନିମନ୍ତେ ଏହି ଋଣ ମେଳାର ଆୟୋଜନ କରାଯାଇଥିଲା। ବ୍ୟକ୍ତିଗତ ସୂଚନା ଆଧାରରେ ଜଣେ ସଫେଇ କର୍ମଚାରୀ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ଋଣ ଉପରେ ନିଗମ ପକ୍ଷରୁ ସ୍ୱଳ୍ପ ସୁଧହାର ସମେତ ୫୦% ପର୍ଯ୍ୟନ୍ତ ସବ୍‌ସିଡିର ବ୍ୟବସ୍ଥା ରହିଛି। ଏହି ଋଣ ମେଳାରେ କାନାରା ବ୍ୟାଙ୍କ୍ ଓ ବ୍ୟାଙ୍କଅଫ୍ ବରୋଦାର ଅଧିକାରୀ ଯୋଗଦେଇଥିଲେ।

# ମୋ ସ୍କୁଲ ଅଭିଯାନକୁ ୧୦ ହଜାର ଟଙ୍କା ପ୍ରଦାନ

**ବାଙ୍କୀ,୨୪।୩(ବି.ପ୍ର.):** ବୈଦେଶ୍ୱର ନୋଡାଲ ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ବେହେରା ମୋ ସ୍କୁଲ ଅଭିଯାନ ପ୍ରତି ପ୍ରଭାବିତ ହୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ସାହୁଙ୍କୁ କାର୍ଯ୍ୟାଳୟରେ ୧୦ହଜାର ଟଙ୍କା ଦେଇଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର ଶିକ୍ଷକ ପ୍ରେମାନନ୍ଦ ବେହେରା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସାହୁ, ସ୍ନେହଲତା ଦାସ, ସୁରେଶ ଚନ୍ଦ୍ର ମହାପାତ୍ର ଓ ବୁଦ୍ଧିଜୀବୀ ରବିନାରାୟଣ ମଙ୍ଗରାଜ ଉପସ୍ଥିତ ରହି ବେହେରାଙ୍କ ଏଭଳି ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି।

# ବୃଷ୍ଟିଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୨୪।୩(ବି.ପ୍ର):** ବାଙ୍କୀ ବ୍ଲକ ବ୍ରହ୍ମପୁରା ଗ୍ରାମସ୍ଥିତ ମା' ଶାରଳା ୟୁଥ୍ କ୍ଲବ ଓ କଟକ ଜିଲା ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ସହଯୋଗରେ ବୃଷ୍ଟି ଜଳ ସଂରକ୍ଷଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ କ୍ଲବର ଯୁବ ପ୍ରତିନିଧିମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ବୃଷ୍ଟି ଜଳର ସଂରକ୍ଷଣ ସମ୍ପର୍କରେ ସଚେତନ କରାଇଛନ୍ତି। ସଚେତନତା ସଭାରେ ଡ. ଦିଲୀପ ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳର ଉତ୍କଟ ସମସ୍ୟାକୁ ସାମ୍ନା କରିବାକୁ ହେଲେ ବର୍ଷା ଜଳକୁ ସଂରକ୍ଷଣ ଓ ତା'ର ଠିକ୍ ପରିଚାଳନା ପାଇଁ କହିଥିଲେ। ସାମାଜିକ କର୍ମୀ ଦୁର୍ଗାଚରଣ ପରିଡା ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ପରିଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବିପିଏଲ୍-ଏସ୍‌ଇସିସିକୁ ନେଇ ଦ୍ୱନ୍ଦ୍ୱ

**କଟକ ସଦର,୨୪।୩(ଡି.ଏନ୍.ଏ.)**

**ସ୍ପଷ୍ଟ କରୁନି ପଞ୍ଚାୟତିରାଜ ବିଭାଗ**

୧୯୯୨-୨୦୧୬ ବର୍ଷ ମଧ୍ୟରେ ରାଜ୍ୟର ଦାରିଦ୍ର୍ୟ ସୀମାରେଖା ତଳେ ପରିବାରିକୁ ସବୁ ପ୍ରକାରର ସହାୟତା ବିପିଏଲ ଅନୁସାରେ ଦିଆଯାଉଥିଲା। ହେଲେ ୨୦୧୬ ଠାରୁ ସାମାଜିକ ଆର୍ଥିକ ଜାତିଭିତ୍ତିକ ଗଣନା (ଏସ୍‌ଇସିସି) ଅନୁସାରେ ଗରିବ ପରିବାରକୁ ସାହାଯ୍ୟ ମିଳୁଛି। ରାଜ୍ୟରେ ବିପିଏଲ୍-ଏସ୍‌ଇସିସିକୁ ନେଇ ଏବେ ଜନସାଧାରଣ ଦ୍ୱନ୍ଦ୍ୱରେ ରହିଛନ୍ତି। କାରଣ କେନ୍ଦ୍ରୀୟ ଯୋଜନାରେ ଆର୍ଥିକ ସହାୟତା ପାଇଁ ବିପିଏଲ୍ ତାଲିକାଭୁକ୍ତ ହୋଇଥିବା ଆବଶ୍ୟକ ଥିବାବେଳେ ରାଜ୍ୟର ଆର୍ଥିକ ସହାୟତା ପାଇବା ନିମନ୍ତେ ଏସ୍‌ଇସିସି ତାଲିକାଭୁକ୍ତ ଜରୁରୀ। ଏ ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଜନସୂଚନା ଅଧିକାରୀ ତଥା ଅନୁଶାସନ ସଚିବ ଏଲ୍. ନାୟକ ପତ୍ରସଂଖ୍ୟା ୪,୬୪୭/୯।୩।୨୦୨୧ରେ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ଏକ ତଥ୍ୟର ଉତ୍ତର ଦେଇ ଜଣାଇଛନ୍ତି, ୨୦୧୧ ମସିହା ଏସ୍‌ଇସିସି ସର୍ଭେ ଡାଟା ଅନୁଯାୟୀ ହିତାଧିକାରୀଙ୍କୁ ସୁବିଧା ଦିଆଯାଉଛି। ମାତ୍ର ୧୯୯୭ ବିପିଏଲ୍ ତାଲିକା ସକ୍ରିୟ ରହିଛିକିନାହିଁ ସେ ସମ୍ପର୍କରେ ସୂଚନା ଦେଇନାହାନ୍ତି। ୧୯୯୨ରେ ପ୍ରଥମେ ବିପିଏଲ୍ ସର୍ବେକ୍ଷଣ କରାଯାଇ ଗରିବଙ୍କୁ ସାହାଯ୍ୟ ଦିଆଯାଉଥିଲା। ୧୯୯୭ ରୁ ୨୦୧୧ ପର୍ଯ୍ୟନ୍ତ ଗରୀବଙ୍କୁ ସରକାରୀ ସହାୟତା ଉକ୍ତ ବିପିଏଲ ତାଲିକା ଅନୁସାରେ ଦିଆଯାଉଥିଲା। ଏବେ କେନ୍ଦ୍ରର ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନ ପୁରୁଣା ବିପିଏଲ୍ ଅନୁସାରେ କରାଯାଉଛି। ତେଣୁ ବିପିଏଲ୍-ଏସ୍‌ଇସିସି କାର୍ଯ୍ୟକାରିତାକୁ ନେଇ ସରକାର ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି।

# ବିଷ୍ଣୁପ୍ରିୟା ଓତା ପାଇଲେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ

**କଟକ ଅଫିସ, ୨୪।୩**



ସମାରୋହରେ ଡ. ବିଷ୍ଣୁପ୍ରିୟା ଓତାଙ୍କୁ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଉଛି।

କଟକ ସାରଳା ଭବନରେ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଉତ୍ସବକୁ ହାଇକୋର୍ଟର ପୂର୍ବତନ ବିଚାରପତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ସାହିତ୍ୟିକ ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଥିଲେ, ଡ. ମହାନ୍ତି ଥିଲେ ଜଣେ ବାଗ୍ମୀ ଓ ଶିକ୍ଷାବିତ୍। ସ୍ମୃତି ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ଡ. ସତ୍ୟ ରାୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରାବନ୍ଧିକା ପ୍ରଫେସର ଡ. ବିଷ୍ଣୁପ୍ରିୟା ଓତାଙ୍କୁ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ, ଉପାସନା ମହାନ୍ତି ମାନପତ୍ର ପାଠ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

**୨୭ରୁ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ**

ଭୁବନେଶ୍ୱର, (ବ୍ୟୁରୋ): ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୧ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ଏହା ପ୍ରଥମଥର ପାଇଁ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ହେବାକୁ ଯାଉଛି। ଓଡ଼ିଆ ସମାଜ ନୂଆଦିଲ୍ଲୀ ଦ୍ୱାରା ଏହି ଦୁଇଦିନିଆ ସାଂସ୍କୃତିକ ମହାକୁମ୍ଭ ଓଡ଼ିଶାର ନିଆରା କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଦର୍ଶିତ କରିବ। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। ପଦ୍ମ ବିଭୂଷଣ ସୋନାଲ ମାନସିଂହ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କ ସମେତ ବହୁ ବିଶିଷ୍ଟ ଓଡ଼ିଆ ବ୍ୟକ୍ତିତ୍ୱ ଦର୍ଶକଙ୍କ ନିକଟରେ ସେମାନଙ୍କ ଜୀବନ କାହାଣୀ ସହ ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିବେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଜୁ ପଟ୍ଟନାୟକ ଫାର୍ମାସୀ ଷ୍ଟୁଡେଣ୍ଟ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର, ୟୁନିଟ-୯, ହୋଣ୍ଡା ଶୋରୁମ ନିକଟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁଞ୍ଜନ ସନ୍ଧ୍ୟା, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦।
- ସଞ୍ଜୀବନି ଡାଇଗ୍ନୋଷ୍ଟିକ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଅନୁଷ୍ଠାନ ପରିସର, ପ୍ଲଟ ନଂ.୧୨୯୪(ପି), ପ୍ରିୟଦର୍ଶିନୀ ମାର୍କେଟ ପଛପାର୍ଶ୍ୱ, ସିଆର୍‌ପି ଛକ, ଅପରାହ୍ନ ୫ଟା।
- ଆରୋହଣ ଅନୁଷ୍ଠାନ ପକ୍ଷରୁ ୨୯ତମ ନିଖିଳ ଉତ୍କଳ ନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଗ୍ରାମଦେବୀ ମା' ଉଦିଆଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବର କଳସ ଯାତ୍ରା, ନଖରା, ମଧ୍ୟାହ୍ନ ୧୨ଟା।

**ପୁରୀ**

- ଭିଟାମାଟି ଅଧିକାର ମଞ୍ଚ ପକ୍ଷରୁ କନଭେନସନ୍, ଭକ୍ତ ସାଲବେଗ ସଭାକକ୍ଷ, ସନ୍ଧ୍ୟା ୬ଟା।

# ଆଠଗଡ଼ ପଞ୍ଚଦୋଳକୁ ବନ୍ଦ କଲା ପ୍ରଶାସନ

ଆଠଗଡ, ୨୪।୩ (ସ୍ୱ.ପ୍ର.)

କରୋନା ଦ୍ୱିତୀୟ ଲହରୀକୁ ଦୃଷ୍ଟିରେ ରଖି ଆଠଗଡ ପ୍ରସିଦ୍ଧ ପଞ୍ଚଦୋଳ ମେଲଣକୁ ପ୍ରଶାସନ ପକ୍ଷରୁ ବୁଧବାର ବନ୍ଦ କରି ଦିଆଯାଇଛି। ଦୁଇଟି ପ୍ରସ୍ତୁତି ବୈଠକରେ କରୋନା କଟକଣା ମଧ୍ୟରେ ଦୋଳ ଉତ୍ସବ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ବୈଠକରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବନ୍ଦ କରି କେବଳ ମେଲଣକୁ ଆସୁଥିବା ୬୦ ବିମାନ ପାରମ୍ପରିକ ରୀତିରେ ଭୋଗ ଖାଇବାକୁ ନିଷ୍ପତ୍ତି ହୋଇଥିଲା। ପରେ ସେ ନିଷ୍ପତ୍ତିକୁ ବଦଳାଯାଇ କେବଳ ଆଠଗଡର ୮ ଥାନପତି ଠାକୁର, ସର୍ବେଶ୍ୱର ଓ ଧବଳେଶ୍ୱର ଏମିତି ୧୦ ବିମାନକୁ ନେଇ ପରମ୍ପରା ରକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ବୁଧବାର ଦେବୋତ୍ତର ପରାମର୍ଶଦାତା କମିଟିର ଏକ ଜରୁରୀ ବୈଠକରେ ସେ ସମସ୍ତ ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରାଯାଇ ଦୋଳଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ବିମାନେ କେବଳ ପାରମ୍ପରିକ ରୀତିରେ ଚାଚେରୀ ଭୋଗ ଖାଇପାରିବେ। ପ୍ରତ୍ୟେକ ବିମାନରେ ୧୦ ଜଣ ମଧ୍ୟରେ ଲୋକ କରୋନା କଟକଣା ମଧ୍ୟରେ ରହିପାରିବେ। ପାରମ୍ପରିକ ହୋଲିକୁ ଛାଡି ଦେଲେ ପ୍ରତ୍ୟେକ ଗ୍ରାମରେ ଦୋଳ ବାସି ହୋଲି ଆଠଗଡର ଏକ ନିଆରା ପରମ୍ପରାକୁ ମଧ୍ୟ ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ବୈଠକରେ ଆଠଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟର ମହାନ୍ତି, ତହସିଲଦାର ତପନ କୁମାର ଖୁଣ୍ଟିଆ, ଦେବୋତ୍ତର ପରାମର୍ଶ ଦାତା କମିଟିର ସଭାପତି ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାମଣ୍ଡଳୀର ସଭାପତି ଅଜୟ କୁମାର ଦାଶ, ଜଗଦାନନ୍ଦ ତ୍ରିପାଠୀ, ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆଲୋକ ରଞ୍ଜନ ରାୟ, ଆଠଗଡ ଥାନା ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସେକ୍ ନିଆଜୁଦ୍ଦିନ



@ ମାନସ



@ ରେଶ୍ମା



@ ବିଶ୍ୱଜିତ୍



@ ଅସ୍ମିତା



@ ଚିନ୍ମୟ

## ସଂକ୍ଷେପରେ

### ବିଧାୟକଙ୍କ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସର ଏତଲା

ଭୁବନେଶ୍ୱର, ୨୪।୩(ବ୍ୟୁରୋ): ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଗିରଫ ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କ୍ୟାପିଟାଲ ଥାନାରେ ବୁଧବାର ଏତଲା ଦାଖଲ କରିଛନ୍ତି। ଜଣେ କାର୍ଯ୍ୟରତ ପୋଲିସ ଅଫିସରଙ୍କୁ ଯେଉଁଭଳି ଧମକ ଦେଇଛନ୍ତି, ସେଥିରେ ରାଜ୍ୟରେ ପୋଲିସ ପ୍ରଶାସନ କିପରି ଚାପଗ୍ରସ୍ତ ଅଛି ତାହା ସ୍ପଷ୍ଟ ହୋଇପଡୁଛି ବୋଲି ନୱାଜ କହିଛନ୍ତି। ଚାନ୍ଦବାଲି ବିଧାୟକ ରାୟ ଫୋନ୍ ଯୋଗେ ବଂଶଡା ଥାନା ଏଏସ୍‌ଆଇ ଗୁରୁପ୍ରସାଦ ବେହେରାଙ୍କୁ ତାଙ୍କର ନିର୍ଦ୍ଦେଶ ପାଳନ କରିବାକୁ ବାଧ କରୁଛନ୍ତି। ପାଳନ ନ କଲେ ତାଙ୍କୁ ମାଲକାନଗିରି ମୋଟୁକୁ ବଦଳାଇ ଦେବେ ବୋଲି ଧମକ ଦେଇଛନ୍ତି। ଚାନ୍ଦବାଲି ବିଧାୟକଙ୍କୁ ଗିରଫ କରିବା ସହ ତାଙ୍କର ଏଭଳି ଆଚରଣ ପାଇଁ ତାଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡିତ କରିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି। ଏ ନେଇ ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, ପୋଲିସ ବାବୁ ଜଣଙ୍କ ଜଣେ ଗରିବ ଲୋକଙ୍କୁ ହଇରାଣ ହରକତ କରି ଟଙ୍କା ଆଦାୟ କରୁଥିଲେ। ମୋ କଥାବାର୍ତ୍ତାକୁ ବିଭ୍ରାନ୍ତ କରି ଦେଖାଯାଉଛି। ମୁଁ କାହାକୁ ଖରାପ ବ୍ୟବହାର କରେ ନାହିଁ।

### ୧୮ ମାମଲାର ସମାଧାନ କଲେ ମହିଳା କମିଶନ

ଭୁବନେଶ୍ୱର, ୨୪।୩(ବ୍ୟୁରୋ): ପାରିବାରିକ କଳହର ସମାଧାନରେ ରାଜ୍ୟ ମହିଳା କମିଶନ ମାଧମ ସାଜିଛି। ବୁଧବାର ଓଡିଶା ରାଜ୍ୟ ମହିଳା କମିଶନଙ୍କ ଭୁବନେଶ୍ୱର କ୍ୟାମ୍ପ କୋର୍ଟରେ ଜରୁରୀ ମାମଲାଗୁଡିକର ଶୁଣାଣି ହୋଇଛି। ଭୁବନେଶ୍ୱରର ୧୦୨ ମାମଲାର ଶୁଣାଣି ପାଇଁ ନୋଟିସ ଜାରି କରାଯାଇଥିଲା। ସେଥିରୁ ୫୩ଟିର ଶୁଣାଣି ହୋଇଥିଲା। ୧୮ଟି ମାମଲା ଆପୋଷ ବୁଝାମଣାରେ ସମାଧାନ ହୋଇଥିବାବେଳେ ପୋଲିସ ଅଧୀକ୍ଷକଙ୍କ ନିକଟକୁ ୩, ଜିଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ଗୋଟିଏ, ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଗୋଟିଏ ମାମଲା ପଠାଇଛନ୍ତି। ସେହିପରି ୨୯ ମାମଲାରେ ପୁନର୍ବାର ଉଭୟ ପକ୍ଷଙ୍କୁ ନୋଟିସ କରାଯାଇଥିବାବେଳେ ଗୋଟିଏ ଘଟଣାରେ କୋର୍ଟଙ୍କ ବିଚାରାଧୀନ ଥିବାରୁ ସ୍ଥଗିତ ରଖାଯାଇଛି। ରାଜ୍ୟ ମହିଳା କମିଶନ ଅଧକ୍ଷା ଡ. ମୀନତି ବେହେରା, ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି, ସ୍ୱର୍ଣ୍ଣଲତା ସାମଲ, ଆରତି ସିଂ, ଜଲିନା ପ୍ରିୟଦର୍ଶିନୀ ଓ କାଉନସେଲର ବନ୍ଦନା ମହାନ୍ତି, ଅନୁରାଧା ଆଚାର୍ଯ୍ୟ, ପ୍ରିୟଦର୍ଶିନୀ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଏହି ଶୁଣାଣି ହୋଇଥିଲା।

# 'ଆଇସିୟୁରେ ଅଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ'

ଭୁବନେଶ୍ୱର,୨୪।୩(ବ୍ୟୁରୋ)

**ବିଧାନସଭାରେ ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନା**

- କୋଭିଡ୍ ମହାମାରୀ ମୁକାବିଲାରେ ରାଜ୍ୟ ପ୍ରଶଂସିତ: ଶାସକ
- ୯୧୬୧, ୫୩, ୫୪, ୦୦୦ ଟଙ୍କାର ଖର୍ଚ୍ଚଦାବି ଗୃହୀତ

ରାଜ୍ୟର ସ୍ୱାସ୍ଥ୍ୟ ସେବା ଏବେ ଆଇସିୟୁରେ। କୋଭିଡ୍ ହେଉଛି ଏ ଶତାବ୍ଦୀର ଏକ ବଡ଼ ଦୁର୍ନୀତି। ସବୁଠି ଡାକ୍ତର ପଦବୀ ଖାଲି ପଡ଼ିଛି। ଅବ୍ୟବସ୍ଥା ଭିତରେ ଡାକ୍ତରଖାନା ଚାଲୁଛି। ମେଡିକାଲ୍ କଲେଜ କେବଳ ରେଫରାଲ୍ ସେଣ୍ଟରରେ ପରିଣତ ହୋଇଛି। ବୁଧବାର ବିଧାନସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚଦାବି ଆଲୋଚନା ବେଳେ ବିରୋଧୀ ଦଳ ସରକାରଙ୍କୁ ଏଭଳି ଢଙ୍ଗରେ ଆକ୍ରମଣ କରିଛନ୍ତି।

ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର କହିଥିଲେ, ପିଏଚ୍‌ସି ଓ ସିଏଚ୍‌ସିରେ ୭୦ ଭାଗ ଡାକ୍ତର ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳରେ ସୁଇପର୍ ଡ୍ରେସିଂ କରୁଛି, କମ୍ପାଉଣ୍ଡର ଡାକ୍ତର ହୋଇଯାଇଛି। ଜିଲା ମୁଖ୍ୟାଳୟରେ ୫୦%ରୁ ଅଧିକ ଡାକ୍ତର ପଦବୀ ଖାଲି। ସ୍ୱାସ୍ଥ୍ୟ ବିଭାଗ ଏବେ ଆଇସିୟୁରେ ରହିଛି। ବିଜେଡି ବିଧାୟକ ଭୂପିନ୍ଦର ସିଂ କହିଥିଲେ, ଓଡ଼ିଶାର ଡାକ୍ତରମାନେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସ୍ୱାସ୍ଥ୍ୟସେବାରେ ଯାହା ଆବଶ୍ୟକ ଅଛି, ତାହା ପୂରଣ କରାଯାଉଛି। ୫-ଟିରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଚଳିତ ବଜେଟରେ ସ୍ୱାସ୍ଥ୍ୟ ବିଭାଗ ପାଇଁ ୧୯% ଅଧିକ ବ୍ୟୟବରାଦ କରାଯାଇଛି। କୋଭିଡ୍ ସ୍ଥିତିରେ ପ୍ରବାସୀଙ୍କ ପାଇଁ ପଞ୍ଚାୟତସ୍ତରରେ ଟିଏମ୍‌ସି ଜରିଆରେ ସବୁପ୍ରକାର ବ୍ୟବସ୍ଥା କରାଯାଇଥିଲା।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ରାଜ୍ୟରେ ଥିବା ମେଡିକାଲ୍ କଲେଜଗୁଡ଼ିକ କେବଳ ରୋଗୀଙ୍କୁ ଅନ୍ୟତ୍ର ରେଫର୍ କରୁଛନ୍ତି। ମେଡିକାଲ୍ କଲେଜଗୁଡ଼ିକରେ ସୁପରସ୍ପେଶାଲିଟି ଡାକ୍ତର ଏବଂ ଫାକଲ୍‌ଟି ରହିବାର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନିଷ୍ପତ୍ତି ପାଇଁ ସେ ସରକାରଙ୍କୁ ଧନ୍ୟବାଦ ଜଣାଇଥିବାବେଳେ ଏହା ଶୀତଳଭଣ୍ଡାରକୁ ଚାଲି ନ ଯାଉ ବୋଲି ନରସିଂହ କହିଥିଲେ। ବିଧାୟକ ଦେବେଶ୍ ଆଚାର୍ଯ୍ୟ, ପ୍ରମୋଦ ମଲ୍ଲିକ, ନିତ୍ୟାନନ୍ଦ ଗଣ୍ଡ, ବାସନ୍ତୀ ହେମ୍ବ୍ରମ୍, ଅଧିରାଜ ପାଣିଗ୍ରାହୀ, ସୌଭିକ୍ ବିଶ୍ୱାଳ, ଭାସ୍କର ମଢ଼େଇ, କୁସୁମ ଟେଟେ, ତାରାପ୍ରସାଦ ବାହିନୀପତି, ସୁବାସ ପାଣିଗ୍ରାହୀ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ କରି ମତାମତ ରଖିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଜବାବରେ କହିଛନ୍ତି ଯେ, ସମସ୍ତଙ୍କ ସହଯୋଗରେ ଓଡ଼ିଶାରେ କରୋନା ନିୟନ୍ତ୍ରିତ ହୋଇପାରିଛି। ଏଥିପାଇଁ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍, ଡବ୍ଲ୍ୟୁଏଚ୍‌ଓ, କେନ୍ଦ୍ର ସରକାର ଓ ନୀତି ଆୟୋଗ ପ୍ରଶଂସା କରିଛନ୍ତି। ବିରୋଧୀ ଦଳ ଏହା ଜାଣିଥିଲେ ବି ସେମାନେ ଗଣତନ୍ତ୍ରରେ ତାଙ୍କ କର୍ତ୍ତବ୍ୟ ପାଳନ କରୁଛନ୍ତି। ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସରକାର ସଫଳ ହୋଇଛନ୍ତି। ରାଜ୍ୟର ୩୦ ଜିଲାରେ ବିନା ମୂଲ୍ୟରେ ଡାଏଲିସିସ୍ ସେବା ପ୍ରଦାନ ପାଇଁ 'ସହାୟ'ର ସୁଦୃଢ଼ୀକରଣ ନିମନ୍ତେ କେସ୍‌ଲୋଡ୍ ଅନୁସାରେ ଅତିରିକ୍ତ ମେଡିସିନ୍ ଯୋଗାଣ କରାଯାଉଛି। ସମ୍ବଲପୁରରେ ଖୁବ୍‌ଶୀଘ୍ର ଡାଏଲିସିସ୍ ସେଣ୍ଟର କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସଦସ୍ୟମାନେ କକ୍ଷତ୍ୟାଗ କରି ବିଧାନସଭା ବାହାରକୁ ଚାଲି ଯାଇଥିଲେ। ଶେଷରେ ବାଚନିକ ମତଦାନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୯୧୬୧, ୫୩, ୫୪, ୦୦୦ ଟଙ୍କାର ଖର୍ଚ୍ଚଦାବି ଗୃହୀତ ହୋଇଛି।

## ସଚେତନତାର ଅଭାବ



ଭୁବନେଶ୍ୱର ୟୁନିଟ୍-୨ ମାର୍କେଟରେ ଏବେ ବି ଅନେକ ଲୋକ ବିନା ମାସ୍କରେ ବୁଲୁଛନ୍ତି।



ରେଳଷ୍ଟେଶନରେ ଯାତ୍ରୀମାନେ କୋଭିଡ୍ କଟକଣା ନ ମାନି ଏକାଠି ବସିଛନ୍ତି।

# କଳିଙ୍ଗ ଷ୍ଟୁଡିଓ ନବୀକରଣ କାର୍ଯ୍ୟର ଶିଳାନ୍ୟାସ ଆଜି

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

କଳିଙ୍ଗ ଷ୍ଟୁଡିଓର ନବୀକରଣ କାର୍ଯ୍ୟକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିବେ। ଏହା ପୂର୍ବରୁ ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ବୁଧବାର ସନ୍ଧ୍ୟାରେ ବରିଷ୍ଠ ଅଧିକାରୀଙ୍କ ସହ ଆସି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଷ୍ଟୁଡିଓକୁ ବିଶ୍ୱସ୍ତରୀୟ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାର ୨୦୦ କୋଟି ଅର୍ଥ ମଞ୍ଜୁର କରିଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ କେବଳ ସୀମିତ ସଂଖ୍ୟକ ସିନେ କଳାକାର ଓ ସିନେଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି। କୋଭିଡ୍ ନିୟମ ଅନୁପାଳନପୂର୍ବକ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥି ସହିତ ଷ୍ଟୁଡିଓକୁ ନେଇ କରାଯାଇଥିବା ନକ୍ସାକୁ ମଡେଲ୍ ଭାବେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରାଯିବ। ତେବେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଏହି ସମୀକ୍ଷାବେଳେ ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇଡ୍‌କୋ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂହ, ଇପିକଲ ପରିଚାଳନା ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧକ୍ଷ କୁନା ତ୍ରିପାଠୀ ଓ ନିଗମର ଅନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ଗାନ୍ଧୀ ଶିଳ୍ପ ବଜାର

ଭୁବନେଶ୍ୱର,୨୪।୩(ବ୍ୟୁରୋ)

**୮୦ଲକ୍ଷର କାରବାର**

ଭୁବନେଶ୍ୱରର ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଗତ ୧୫ ତାରିଖରୁ ୧୦ ଦିନ ଧରି ଚାଲିଥିବା ଗାନ୍ଧୀ ଶିଳ୍ପ ବଜାର-୨୦୨୧ ବୁଧବାର ଶେଷ ହୋଇଛି। ଭାରତ ସରକାରଙ୍କ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ଆର୍ଥିକ ସହାୟତାରେ ଓଡ଼ିଶା ହସ୍ତଶିଳ୍ପ ସମବାୟ ସମିତି ଲିଃ(ଉତ୍କଳିକା) ଦ୍ୱାରା ଆୟୋଜିତ ଗାନ୍ଧୀ ଶିଳ୍ପ ବଜାରକୁ ପ୍ରାୟ ୩ ଲକ୍ଷ ଦର୍ଶକ ପରିଦର୍ଶନ କରିବା ସହିତ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ହୋଇଛି। ୧୦୦ରୁ ଉର୍ଦ୍ଧ୍ୱ କାରିଗର ଏଥିରେ ଉପକୃତ ହୋଇଛନ୍ତି। ଦେଶର ୧୬ ରାଜ୍ୟରୁ ଧାତବ ଶିଳ୍ପ, ଇମିଟେଶନ ଜୁଏଲାରୀ, ଶାମୁକା ତିଆରି ସାମଗ୍ରୀ, ଲାଖ ଚୁଡ଼ି, ସବାଇଘାସ ତିଆରି ସାମଗ୍ରୀ, ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କାମ, ଜନଜାତି ଅଳଙ୍କାର, କତାଶିଳ୍ପର ସାମଗ୍ରୀ, ହାତପ୍ରିଣ୍ଟ, ଟେକ୍ସଟାଇଲ୍, ଶିଙ୍ଗକାମ, ଚମଡ଼ା, ଝୋଟ, ଧାନରୁ ତିଆରି ସାମଗ୍ରୀ, ରୁପା ତାରକସି, ପିପିଲି ଚାନ୍ଦୁଆ, ପେପର କାମ, ସମ୍ବଲପୁରୀ ବସ୍ତ୍ର ଇତ୍ୟାଦି ୬୦ ପ୍ରକାରର ଆକର୍ଷଣୀୟ ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ହୋଇଥିଲା।

# ବାଲିପାଟଣା ଛକରେ ହେବ ଶିଶୁ ଅନନ୍ତ ପୀଠ ମୁଖ୍ୟ ତୋରଣ

ବାଲିପାଟଣା(ଡି.ଏନ୍.ଏ),୨୪।୩

ଓଡ଼ିଶାର ୩୦୦ତମ ପର୍ଯ୍ୟଟନ କ୍ଷେତ୍ର ଶିଶୁ ଅନନ୍ତ ପୀଠର ମୁଖ୍ୟ ତୋରଣ ବାଲିପାଟଣା ଛକରେ ନିର୍ମାଣ ହେବ। ଏଥିଲାଗି ସ୍ଥାନ ଚିହ୍ନଟ ହୋଇ ବୁଧବାର ବାଲିପାଟଣା ଛକଠାରେ ମାପଚୁପ କରାଯାଇଛି। ପର୍ଯ୍ୟଟନ ବିଭାଗ ଦ୍ୱାରା ଅନୁମୋଦନ ପାଇଥିବା ଏହି ତୋରଣ ନିର୍ମାଣ ଦାୟିତ୍ୱ ରାଜ୍ୟ ବୟନ ବିଭାଗର ଉତ୍କଳିକା ନେଇଛି। ବିଭାଗୀୟ ପରିଚାଳନା ଅଧିକାରୀ ସ୍ୱର୍ଣ୍ଣପ୍ରଭା ମୁଦୁଲି ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିନନ୍ଦା କୁମାର ପ୍ରଧାନଙ୍କ ନେତୃତ୍ୱରେ ବୈଷୟିକ ଦଳ ବାଲିପାଟଣାଛକଠାରେ ପହଞ୍ଚି ସ୍ଥାନ ନିରୂପଣ କରିବା ସହିତ ମାପଚୁପ କରିଛନ୍ତି। ଏହି ତୋରଣର ଓସାର ୨୮ ଫୁଟ ଓ ଉଚ୍ଚତା ୨୨ଫୁଟ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଉତ୍କଳୀୟ କଳାକୃତି ଖୋଦେଇ କରାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ତୋରଣ ନିର୍ମାଣ ପାଇଁ ପର୍ଯ୍ୟଟନ ବିଭାଗ ୨୮ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଏଥିସହିତ ପୀଠ ସମ୍ମୁଖ ରାସ୍ତା ଓସାର କରାଯିବ ବୋଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପଥ ଦେଇ କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କୁ ତୋରଣଟି ଆକୃଷ୍ଟ କରି ଶିଶୁଅନନ୍ତ ପୀଠ ଓ ଜୟଦେବ ପୀଠକୁ ଟାଣିନେବ ବୋଲି ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟା ଦାସ ଗୋସ୍ୱାମୀ ଓ ସଭାପତି ଅଭିମନ୍ୟୁ ନାୟକ କହିଛନ୍ତି। ଏହି ପୀଠର ଉନ୍ନତିରେ ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା ଓ ଜୟଦେବ ବିଧାୟକ ଅରବିନ୍ଦ ଢାଲି ସହଯୋଗ କରିଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚାନ୍ଦୁଆ ଶିଳ୍ପୀ ରଘୁନାଥ ମହାରଣାଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର, ୨୪।୩(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଲୋକପ୍ରିୟ ଚାନ୍ଦୁଆ ଶିଳ୍ପୀ ରଘୁନାଥ ମହାରଣାଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୬ ବର୍ଷ ହୋଇଥିଲା। ରଘୁଭାଇ ନାମରେ ସେ ସ୍ଥାନୀୟ ଅଞ୍ଚଳ ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବେଶ୍ ପରିଚିତ। ପୁରୁଣା ଭୁବନେଶ୍ୱରର ବଣିଆ ସାହିରେ ରଘୁନାଥଙ୍କ ଘର। ତାଙ୍କର ନିଖୁଣ କାରିଗରି କାମ ପାଇଁ ରାଜ୍ୟ ତଥା ରାଜ୍ୟ ବାହାର ଲୋକେ ଦେବଦେବୀଙ୍କ ପାଇଁ ଚାନ୍ଦୁଆ, ପତାକା, ଠାକୁରଙ୍କ ପୋଷାକ ଇତ୍ୟାଦି ବରାଦ ଦେବାକୁ ଆସିଥାନ୍ତି। ଅନ୍ତର୍ଜାତୀୟ ଧଉଳି ଚିତ୍ରକଳା ମହୋତ୍ସବରେ ବିଭିନ୍ନ ଦେଶର ଜାତୀୟ ପତାକା ତିଆରି କରି ବେଶ ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ବାସିନ୍ଦା ରଜେନ୍ଦ୍ର ସମର୍ଥା, ପ୍ରଦୀପ୍ତ ନାୟକ, ଶିବ ପ୍ରସାଦ ବେହେରା, ମାନସ ରଞ୍ଜନ ମିଶ୍ର, ଅଶୋକ ପୃଷ୍ଟି, ନୃସିଂହ ଚରଣ ଦାଶ, ବାଣୀକଣ୍ଠ ମହାପାତ୍ର, ସରୋଜ କୁମାର ମହାସୁଆର, ଅଜୟ ବିଷୋୟୀ, ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଥିଲେ। ଶିଳ୍ପୀ ଜଗତର ଏକ ଅପୂରଣୀୟ କ୍ଷତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଡିସିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨୪।୩(ବ୍ୟୁରୋ)

**ସ୍ତ୍ରୀଙ୍କୁ ଅକଥନୀୟ ନିର୍ଯାତନା ଘଟଣା**

ଦେହ ବ୍ୟବସାୟ ପାଇଁ ମନା କରିବାରୁ ସ୍ତ୍ରୀଙ୍କୁ ୧୦ଦିନ ବନ୍ଦଘରେ ଅକଥନୀୟ ନିର୍ଯାତନା ଦେବା ମାମଲା ଓଡ଼ିଶା ମହିଳା କମିଶଙ୍କ ନିକଟରେ ପହଞ୍ଚିଛି। କମିଶନ ଅଧକ୍ଷା ମିନତୀ ବେହେରା ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କୁ ରିପୋର୍ଟ ତଲବ କରିଛନ୍ତି। ପୋଲିସ ଘଟଣାରେ କ'ଣ ପଦକ୍ଷେପ ନେଇଛି, ଅଭିଯୋଗକାରୀଙ୍କ ଅଭିଯୋଗର କ'ଣ ତଦନ୍ତ କରାଯାଇଛି, ପୀଡିତା କେଉଁ ପରିସ୍ଥିତିରେ ରହୁଛନ୍ତି, ଏପରି ଅନେକ ପ୍ରସଙ୍ଗରେ ଉତ୍ତର ଚାହିଁଛନ୍ତି କମିଶନ। ସୂଚନାଯୋଗ୍ୟ, ଚନ୍ଦ୍ରଶେଖରପୁର ଥାନା ପୋଲିସ ମଙ୍ଗଳବାର ଅଭିଯୁକ୍ତ ସ୍ୱାମୀ ଚନ୍ଦନ ଆଚାର୍ଯ୍ୟଙ୍କୁ ଗିରଫ କରିଥିଲା। ଚନ୍ଦନଙ୍କ ଘର କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିବାବେଳେ ପଦ୍ମାବତୀ ବିହାରରେ ରହି ଅଟୋ ଚଳାଉଥିଲେ। ଭଉଣୀ ସହ ମିଶି ଚନ୍ଦନ ସେକ୍ସ ର୍‍ୟାକେଟ ଚଳାଉଥିବାନେଇ ଓ ତାଙ୍କୁ ସେଥିରେ ଜୋର୍ ଜବରଦସ୍ତ ସାମିଲ କରିଥିବା ନେଇ ପୀଡିତା ଜଣକ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଏପରି କି ଦେହ ବ୍ୟବସାୟ ପାଇଁ ମନା କରିବାରୁ ସ୍ୱାମୀ ଚନ୍ଦନ ସ୍ତ୍ରୀଙ୍କ ସମ୍ବେଦନଶୀଳ ଅଙ୍ଗରେ ମଦ ବୋତଲ ପୂରାଇବା ସହ ଅଚେତ ଅବସ୍ଥାରେ ମଧ୍ୟ ପରପୁରୁଷଙ୍କ ଡକାଇ ଶାରୀରିକ ସମ୍ପର୍କ ରଖାଉଥିଲେ। ଏଥିସହ ଲୁହା ରଡ଼ରେ ମାଡ଼ମାରିବାରୁ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୋଲିସ ଉକ୍ତ ଘରେ ଚଢ଼ାଉ କରି ତାଙ୍କୁ ଉଦ୍ଧାର କରିଥିଲା।

## ନିର୍ଯାତନା ଅଭିଯୋଗ

**ଡେଲାଙ୍ଗ,(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବିବାହର ୭ ବର୍ଷ ପରେ ସ୍ୱାମୀ ଓ ଶାଶୁଘର ଲୋକେ ଅଧିକ ଯୌତୁକ ପାଇଁ ମାଡ ମାରିବା ନେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୬୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ଓଉପଡା ଗ୍ରାମର ଶଶିରେଖା ସାସମଲ ୨୦୧୪ରେ ବରପଦା ଗ୍ରାମର ବିକାଶ ସାସମଲଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଶାଶୁଘର ଲୋକେ ୫୦ ହଜାର ଟଙ୍କା ଆଣିବାକୁ ଚାପ ପକାଉଥିଲେ। ଏ ନେଇ ଶଶିରେଖା ବାପଘରକୁ ଜଣାଇଥିଲେ। ହେଲେ ସେ ଟଙ୍କା ନ ଆଣିବାରୁ ଗାଳି ଦେବା ଓ ମାଡ ମାରିବା ଓ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଉଥିବା ଶଶିରେଖା ଅଭିଯୋଗ କରିଛନ୍ତି।





### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୪.୦୩.୨୦୨୧

| ୩,୦୫,୯୭୫ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୨୪.୪୫୦ ଗ୍ରାମ |

## ସଂକ୍ଷେପରେ

### ଉପନିର୍ବାଚନ ନେଇ ସମୀକ୍ଷା କଲେ ଏସ୍‌ପି

ପିପିଲି,୨୪।୩(ସ୍ୱ.ପ୍ର.)- ଆଗକୁ ଆସୁଛି ପିପିଲି ଉପନିର୍ବାଚନ। ସେଥିପାଇଁ ମଙ୍ଗଳବାରଠାରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ତତ୍ପରତା ଦେଖାଦେଇଛି। ଏ ନେଇ ବୁଧବାର ଅପରାହ୍ନରେ ପୁରୀ ଏସ୍‌ପି କେ. ବିଶାଲ ସିଂ ପିପିଲି ଥାନା ଗସ୍ତକରି ଉପନିର୍ବାଚନ ବିଷୟରେ ସମୀକ୍ଷା କରିଛନ୍ତି। ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି , ଡେଲାଙ୍ଗ ଥାନାଧିକାରୀ, ସତ୍ୟବାଦୀ ଥାନାଧିକାରୀ ଓ ବଳଙ୍ଗା ଆଇଆଇସିଙ୍କ ସହ ଏକ ଘଣ୍ଟା ଧରି ଏସ୍‌ପି ସିଂ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ପିପିଲିରେ କିପରି ମୁକ୍ତ ଓ ନିରପେକ୍ଷ ଉପନିର୍ବାଚନ ହେବ ଏବଂ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ପିପିଲିର ୩୦ଜଣ ପେସାଦାର ଅପରାଧୀମାନଙ୍କ ନାମରେ ୱାରେଣ୍ଟ ଜାରି କରାଯିବା ସହ ଅନ୍ୟ ଅପରାଧୀମାନଙ୍କ ଉପରେ ନଜର ରଖିବା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ବୋଲି ଏସ୍‌ପି ସିଂ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ପିପିଲି-ଡେଲାଙ୍ଗର ମୋଟ୍ ବୁଥର ପାଖାପାଖି ଶତକଡା ୧୦ ଭାଗ ସମ୍ବେଦନଶୀଳ ବୁଥ ରହିଛି ବୋଲି ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ସୂଚନା ଦେଇଛନ୍ତି।

### ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ ଘଟଣା
### ମୁହାଁମୁହିଁ ଜେରା, ସିଡିଆର ଯାଞ୍ଚ ହେବ

ଭୁବନେଶ୍ୱର, ୨୪।୩(ବ୍ୟୁରୋ): ରାଜଧାନୀରେ ମହିଳାଙ୍କୁ ଗଣ ବଳାତ୍କାର ଅଭିଯୋଗ ଘଟଣାରେ ବୁଧବାର ଲକ୍ଷ୍ମୀସାଗର ଥାନା ପୋଲିସ ବାପି ପାଣିଗ୍ରାହୀ ନାମକ ଯୁବକଙ୍କୁ ଜେରା କରିଛି। ପୂର୍ବରୁ ବାପି ଗର୍ଭନିରୋଧକ ବଟିକା ଦେବା ସହ ହସ୍ପିଟାଲରେ ଦେଖିଥିବା ପୀଡିତା କହିଥିଲେ। ସେହିପରି ପୀଡିତାଙ୍କ ସ୍ୱାମୀଙ୍କ ସହ ଘଟିଥିବା ଗଣ୍ଡଗୋଳରେ ବାପି ସମ୍ପୃକ୍ତ ଥିଲେ ଓ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତଙ୍କ ସହ ସେ ସାମିଲ ରହିଥିବା ପୀଡିତା ବୟାନରେ କହିଥିଲେ। ତେଣୁ ପୋଲିସ ବାପିଙ୍କଠାରୁ ଘଟଣାର ସତ୍ୟତା ସମ୍ପର୍କରେ ଜେରା କରିଛି। ପୀଡିତାଙ୍କ ଅଭିଯୋଗକୁ ବାପି ଖଣ୍ଡନ କରିଥିବାବେଳେ ଖୁବଶୀଘ୍ର ପୀଡିତା ଓ ବାପିଙ୍କୁ ପୋଲିସ ଏକାଠି ମୁହାଁମୁହିଁ ଜେରା କରିବ। ସେହିଭଳି ଉଭୟଙ୍କ ମୋବାଇଲ ଫୋନ୍ କଲ ଡିଟେଲ ରେକର୍ଡ(ସିଡିଆର) ଯାଞ୍ଚ କରି ପୋଲିସ ସତ୍ୟାସତ୍ୟ ହାସଲ କରିବାକୁ ଆଶା ରଖିଛି।

ପୀଡିତାଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃୟାରୀ ୨୬ରେ ବାପଘର ବୁଦ୍ଧେଶ୍ୱରୀ କଲୋନୀରୁ ଶାଶୁ ଘର ହଳଦୀପଡିଆ ବସ୍ତି ଅଞ୍ଚଳକୁ ସନ୍ଧ୍ୟାରେ ଚାଲି ଚାଲି ଫେରୁଥିବାବେଳେ ବାଟରେ ୪ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିନେଇ ବିଭିନ୍ନ ସ୍ଥାନରେ ବାରମ୍ବାର ବଳାତ୍କାର କରିଥିଲେ। ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ କିଛି ଶୁଣି ନ ଥିଲା। ପରେ ପୁଣି ୩ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବାରୁ ଏନେଇ ସେ ପୁନର୍ବାର ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ ମଧ ପୋଲିସ ସମାନ ଆଚରଣ କରିଥିଲା। ଶେଷରେ ପୀଡିତା ଜଣକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଅଭିଯୋଗ କରିଥିଲେ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ୧୦୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ଶନିବାର ପୋଲିସ ଥାନାରେ ପୀଡିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା କରିଥିଲା। ସୋମବାର କୋର୍ଟରେ ପୀଡିତାଙ୍କର ବୟାନ ରେକର୍ଡ ହୋଇଥିଲା।

# ବରିଷ୍ଠ ନାଗରିକଙ୍କୁ ଥାନାରେ ମାଡ଼

**ଚନ୍ଦକା ଥାନାଧିକାରୀଙ୍କ ବିରୋଧରେ ଅଭିଯୋଗ**

- ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରସ୍ଥ ଅଭିଯୋଗକାରୀ
- କମିଶନରେଟ ପୋଲିସ ଉପରକୁ ଉଠିଲା ଅଙ୍ଗୁଳି

ଖୋର୍ଦ୍ଧା ଅଫିସ,୨୪।୩

ପୋଲିସ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଏହାକୁ ୫-ଟି ଅଧୀନ 'ମୋ ସରକାର' କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ଏହାଦ୍ୱାରା ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ପ୍ରତି ପୋଲିସ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ନେବ। ମାତ୍ର କମିଶନରେଟ ପୋଲିସରେ ଏହାର ବ୍ୟତିକ୍ରମ ଘଟିଛି। ଜଣେ ବରିଷ୍ଠ ନାଗରିକଙ୍କୁ ଥାନାକୁ ଡାକି ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ନେଇ ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଚନ୍ଦକା ଥାନା ଅଧିକାରୀଙ୍କ ବିରୋଧରେ ସମ୍ପୃକ୍ତ ବରିଷ୍ଠ ନାଗରିକ ଏଭଳି ସଙ୍ଗିନ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଘଟଣା ଏବେ କମିଶନରେଟ ପୋଲିସର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ଉଠିଛି।

ଖୋର୍ଦ୍ଧାର ବିଂଝଗିରି ବାସିନ୍ଦା ବିରଞ୍ଚି ନାରାୟଣ ମହାପାତ୍ର(୬୫) ଜିଲାପାଳଙ୍କୁ ଦେଇଥିବା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ସକାଳ ୮ଟାରେ ଏକ ପିସିଆର୍ ଭ୍ୟାନରେ ପୋଲିସ କର୍ମଚାରୀ ଆସି ତାଙ୍କୁ ଚନ୍ଦକା ଥାନାଧିକାରୀ ପଠାଇଛନ୍ତି। ତେଣୁ ଥାନାକୁ ଯିବାକୁ କହିଥିଲେ। ବିରଞ୍ଚି ତାଙ୍କ ପୁଅ ସହିତ ପୂର୍ବାହ୍ନ ୧୦ଟା ୫୦ ମିନିଟ୍‌ରେ ଚନ୍ଦକା ଥାନାରେ ପହଞ୍ଚିଥିଲେ। ସେତେବେଳକୁ ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳ କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ବିରଞ୍ଚି ମଧୁମେହ ଓ ହୃଦ୍‌ରୋଗରେ ପୀଡ଼ିତ ଥିବାରୁ ବେଶି ସମୟ ଥାନାରେ ବସିପାରି ନ ଥିଲେ। ଏନେଇ ସେ ଥାନାଧିକାରୀଙ୍କୁ ଫୋନ କରି ଜଣାଇଥିଲେ। ବିରଞ୍ଚି ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିବା ସହ ଥାନାଧିକାରୀଙ୍କୁ କେତେବେଳେ ଆସିବେ, ଅପେକ୍ଷା କରିବି ନଚେତ ପୁଣି ଆସି ହାଜର ହେବି ବୋଲି କହିଥିଲେ। ତେବେ ଥାନାଧିକାରୀ ଟିକେ ସମୟ ଅପେକ୍ଷା କର, ଯଦି ତୁମ ଦେହ ଖରାପ ଅଛି, ମୁଁ ଗଲେ ତୁମକୁ ମେଡିକାଲ ନେବା ବ୍ୟବସ୍ଥା କରିବି ବୋଲି କହିଥିଲେ। ତାଙ୍କ କଥାରେ ବିରଞ୍ଚି ପ୍ରାୟ ୨ଘଣ୍ଟା ସେଠାରେ ଅପେକ୍ଷା କଲେ। ଏହାପରେ ଥାନାଧିକାରୀ ପହଞ୍ଚି କିଏ ଫୋନ କରିଥିଲା ବୋଲି ପଚାରିଥିଲେ। ବିରଞ୍ଚି କଲ୍ କରିଥିବା କହିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁ ମୋ' ଅଫିସର କି ବୋଲି ପଚାରି ଗାଲକୁ ଚାପୁଡା ମାରିଥିଲେ। ଫଳରେ ବିରଞ୍ଚି ତଳେ କଚାଡ଼ି ହୋଇ ପଡ଼ିଥିଲେ। ଏପରି କି, ତାଙ୍କ ନାମରେ ଅଭିଯୋଗ କରିଥିବା ଲୋକଙ୍କୁ ଥାନାକୁ ଡାକି ତାଙ୍କୁ ପୁଣି ଗାଳିଗୁଲଜ କରିବା ସହ ପ୍ରାୟ ୧୨ଚାପୁଡ଼ା ମାରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ହୋଇଛି। ଏହି ଘଟଣାର ତଦନ୍ତ ସହ ଚନ୍ଦକା ଥାନାଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ବିରଞ୍ଚି ଦାବି କରିଛନ୍ତି। ଗଣମାଧ୍ୟମକୁ ବିରଞ୍ଚି କହିଛନ୍ତି, ମୁଁ ଜଣେ ବରିଷ୍ଠ ନାଗରିକ ହୋଇଥିଲେ ମଧ ଥାନାଧିକାରୀ ମୋ' କଥା ନ ଶୁଣି ଥାନାରେ ମୋତେ ମାଡ଼ ମାରିଲେ। ମୋ ନାମରେ ଥାନାରେ କୌଣସି ଅଭିଯୋଗ ନାହିଁ। କେହି ମୋ' ନାମରେ ଅଭିଯୋଗ କଲେ ବୋଲି ତାହାର ତଦନ୍ତ ନ କରି ମୋ' ପ୍ରତି ଅପରାଧୀଙ୍କ ଭଳି ବ୍ୟବହାର କରିବା ଏବଂ ଅନ୍ୟାୟ ଭାବେ ମାଡ଼ ମାରିବା କେତେଦୂର ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷ। ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁହାରି ଜଣାଇ ଭୁବନେଶ୍ୱର ପୋଲିସ କମିଶନର ଏବଂ ୫-ଟି ସଚିବଙ୍କୁ ପତ୍ର ଲେଖିଥିବା ବିରଞ୍ଚି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରେ କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏକ ଜମିଜମା ଘଟଣାରେ ପଚରାଉଚରା ପାଇଁ ତାଙ୍କୁ ଥାନାକୁ ଡାକିଥିଲି। ଏକ ସ୍ଥିତିବାନ ଜମିକୁ ନେଇ ଥାନାରେ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଥାନାରେ ଉଭୟ ପକ୍ଷ ଉପସ୍ଥିତ ଥିଲେ। ପୋଲିସ ସର୍ବଦା ବରିଷ୍ଠ ନାଗରିକଙ୍କୁ ଯଥୋଚିତ ସମ୍ମାନ ଦେଉଛି ବୋଲି ବିଶ୍ୱାଳ କହିଥିଲେ।



ଦୋଳଯାତ୍ରା ପାଇଁ ମହାପ୍ରଭୁଙ୍କ ଝୁଲଣ ମଣ୍ଡପକୁ ରଙ୍ଗ କରାଯାଉଛି।

## ସିଂହାରୀ-ମେକାପ ବିବାଦ ତୁଟିଲା

**ଦୋଳପୂର୍ଣ୍ଣିମାରେ ଶୃଙ୍ଖଳିତ ନୀତି କରିବାକୁ ସହମତି**

ପୁରୀ ଅଫିସ,୨୪।୩

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବେଶକୁ ନେଇ ଥିବା ବିବାଦ ବୁଧବାର ଜିଲାପାଳ ସମର୍ଥ ବର୍ମାଙ୍କ ଉପସ୍ଥିତିରେ ଦୁଇ ନିଯୋଗ ସମାଧାନ କରିଛନ୍ତି। ଏ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିବାବେଳେ ଭଣ୍ଡାର ମେକାପ ଓ ପୁଷ୍ପାଳକମାନେ ଉପସ୍ଥିତ ଥିଲେ। ଆସନ୍ତା ଦୋଳପୂର୍ଣ୍ଣମୀରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଯାଉଥିବାରୁ ବେଶ ସମୟରେ ଯେଭଳି କୌଣସି ବିବାଦ ନ ଉପୁଜେ ସେନେଇ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବୈଠକ ପରେ ପୁଷ୍ପାଳକ ନିଯୋଗ ସମ୍ପାଦକ ହରେକୃଷ୍ଣ ସିଂହାରୀ କହିଛନ୍ତି, ଶୃଙ୍ଖଳିତ ଭାବେ ଆଲୋଚନା ସରିଥିବା ବେଳେ ଦୋଳପୂର୍ଣ୍ଣିମାରେ ସୁନାବେଶକୁ ବିବାଦମୁକ୍ତ କରିବା ଲାଗି ନିଷ୍ପତ୍ତି ହୋଇଛି। ନିର୍ଦ୍ଧାରିତ ନିୟମ ଅନୁଯାୟୀ, ୩ଜଣ ପାଳିଆ ସେବାୟତ ବେଶ ପାଇଁ ରହିବେ ଓ ସହଯୋଗ କରିବା ପାଇଁ ପାଳିରେ ଥିବା ୬ ଜଣ ପୁଷ୍ପାଳକଙ୍କୁ ରଖାଯିବ। ମହାପ୍ରଭୁଙ୍କ ତ୍ରିମୁଣ୍ଡିକୁ ସୁନା ଅଳଙ୍କାର ଉଠାଇବାରେ ସହାୟକ କରିବେ। ସେହିପରି ଭଣ୍ଡାର ମେକାପ ସଭାପତି ନାରାୟଣ ମେକାପ କହିଛନ୍ତି, ମନ୍ଦିର ପ୍ରଶାସନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପରମ୍ପରାଗତ ଭାବେ ଯେଭଳି ନୀତିକାନ୍ତି ସମ୍ପାଦନ ହେବା କଥା, ଦୋଳପୂର୍ଣ୍ଣିମା ନୀତିକାନ୍ତି ସମ୍ପାଦିତ ହେବ। ବୈଠକରେ ଆଲୋଚନା ସଫଳ ହୋଇଛି। ଆସନ୍ତା ଦୋଳପୂର୍ଣ୍ଣିମାରେ ସୁନାବେଶ ନିର୍ଦ୍ଧାରିତ ସମୟରେ ଶେଷ କରାଯିବ। ଏନେଇ ଜିଲାପାଳ କହିଛନ୍ତି, ଦୁଇଗୋଷ୍ଠୀ ସହ ଆଲୋଚନା କରି ଆମେ ସମାଧାନର ରାସ୍ତା ଖୋଜିଛୁ। ପୂର୍ବରୁ ଯେଭଳି ଭାବେ ୩-୩ ସେବାୟତ ସେବା ସମ୍ପାଦନ କରୁଥିଲେ, ଆସନ୍ତା ଦୋଳପୂର୍ଣ୍ଣିମାରେ ମଧ ସେହିଭଳି ହେବ। ତେବେ ସହଯୋଗ ପାଇଁ ଅତିରିକ୍ତ ପାଳିଆ ରହିବେ। ଉଲ୍ଲେଖଯୋଗ୍ୟ, ଗତ ନାଗାର୍ଜ୍ଜୁନ ଓ ସୁନାବେଶବେଳେ ଦୁଇ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଅତ୍ୟଧିକ ସିଂହାରୀ ସେବାୟତ ରତ୍ନସିଂହାସନ ଉପରେ ଥିବାରୁ ଭଣ୍ଡାର ମେକାପମାନେ ଅଳଙ୍କାର ବଢ଼ାଇବାକୁ ମନା କରିଥିଲେ। ଫଳରେ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ବସନ୍ତ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

### 'ସମାଜ ସର୍ବଦା କଳା, ସଂସ୍କୃତିର ବାର୍ତ୍ତାବହ'

ପୁରୀ ଅଫିସ,୨୪।୩:

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଦୟାଜ୍ୟୋତି ପକ୍ଷରୁ ଚାଲିଥିବା ବସନ୍ତ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ହରିହର ମିଶ୍ର ଯୋଗଦେଇ କହିଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମ ଏକତା ଓ ଭାଇଚାରା ବୃଦ୍ଧିରେ ସହାୟକ ହୋଇଥାଏ। ସମ୍ମାନିତ ଅତିଥି ଭାବେ ପୁରୀସ୍ଥିତ ଓଡ଼ିଶୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଯୋଗଦେଇ କହିଥିଲେ, ସମାଜ ସର୍ବଦା କଳା ଓ ସଂସ୍କୃତିର ବାର୍ତ୍ତାବହ। ସମାଜକୁ ଶୃଙ୍ଖଳିତ କରିବା ଦିଗରେ ସଂସ୍କୃତି ଓ ପରମ୍ପରାର ପ୍ରମୁଖ ଭୂମିକା ରହିଛି। ଏହି ଉତ୍ସବରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, ସୁଭାଷିନୀ ଧଳ ଓ ଦୋଳଗୋବିନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁଙ୍କ ସୁରକ୍ଷା ପାଇଁ ପୋଲିସ ସର୍ବଦା ତତ୍ପର

**୩୬ ପୋଲିସ ଜିଲାରେ ସ୍ଥାପନ ହୋଇଛି ୩୭ ମାନବଚାଲାଣ ବିରୋଧୀ ସ୍ୱତନ୍ତ୍ର ୟୁନିଟ୍**

କଟକ ଅଫିସ, ୨୪।୩

ଶିଶୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ପୋଲିସ ସର୍ବଦା ତତ୍ପର ରହିଛି। ନିଖୋଜ ଶିଶୁଙ୍କୁ ଉଦ୍ଧାର ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ସ୍ପେଶାଲ ଡ୍ରାଇଭ କରାଯାଇଛି। ଅପରେଶନ୍ ସ୍ମାଇଲ, ମୁସ୍କାନ, ପରୀ ପାଇଁ କଥାଟିଏ ଭଳି ସଚେତନଧର୍ମୀ କାର୍ଯ୍ୟକ୍ରମ ହୋଇଛି। ଏହାବାଦ୍ ପୋକ୍ସୋ ଆକ୍ଟ, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ, ଚାଇଲ୍ଡଲେବର୍ ଆକ୍ଟ, ବାଲ୍ୟବିବାହ ନିୟମକୁ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପୋଲିସ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି।

ରାଜ୍ୟରେ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ ୩୬ପୋଲିସ ଜିଲା ପକ୍ଷରୁ ୩୭ଟି ମାନବଚାଲାଣ ବିରୋଧୀ ସ୍ୱତନ୍ତ୍ର ୟୁନିଟ୍ ସ୍ଥାପନ କରାଯାଇଛି। ଶିଶୁ ସଂକ୍ରାନ୍ତ ଅଭିଯୋଗ ଓ ସେମାନଙ୍କ ସମସ୍ୟାର ସମାଧାନ ଲାଗି ୫୩୭ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପ୍ରଚଳନ ହୋଇଛି। ଏହା ମାଧ୍ୟମରେ ସେମାନଙ୍କୁ ଉପଯୁକ୍ତ ଆଇନ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ମହିଳା ଓ ଶିଶୁ ଡେସ୍କ ସୁପରିଚାଳନା ଲାଗି ସ୍ୱତନ୍ତ୍ର ପୋଲିସ ଅଫିସର ନିଯୁକ୍ତ ହୋଇଛନ୍ତି। ୨୦୧୩ ଜାନୁୟାରୀ ୩୧ ତାରିଖଠାରୁ ନିଖୋଜ ଶିଶୁଙ୍କ ସନ୍ଧାନ ନିମନ୍ତେ ୱେବ୍‌ପୋର୍ଟାଲ ଟ୍ରାକ୍ ଚାଇଲ୍ଡ କାର୍ଯ୍ୟକାରୀ କରୁଛି। ଉକ୍ତ ପୋର୍ଟାଲ୍‌ରେ ନିଖୋଜ ଓ ଉଦ୍ଧାର ଶିଶୁଙ୍କ ଫଟୋ ଏବଂ ତତ୍‌ସଂକ୍ରାନ୍ତ ସମସ୍ତ ତଥ୍ୟ ଜିଲା ଏସ୍‌ପି ଅଫିସ, କଟକ ଓ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଅପ୍‌ଲୋଡ୍ କରାଯାଉଛି। ଡିଜିପି ଓ ଏଡିଜିପି (କ୍ରାଇମ୍‌ବ୍ରାଞ୍ଚ) ନିୟମିତ ଭାବେ ନିଖୋଜ ଶିଶୁଙ୍କ ସଂକ୍ରାନ୍ତରେ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରୁଛନ୍ତି। ଶିଶୁଶ୍ରମିକ ଚାଲାଣ ରୋକିବା, ଆଶ୍ରୟସ୍ଥଳଗୁଡ଼ିକ ଯାଞ୍ଚ ସହ ନିର୍ଦ୍ଦେଶାବଳୀ ପାଳନ, ଯୁବତୀଙ୍କୁ ଚାକିରି ଯୋଗାଉଥିବା ସଂସ୍ଥା ଉପରେ ନଜର ରଖିବା ଓ ବାଲ୍ୟବିବାହ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ଫରେଷ୍ଟର, କର୍ମଚାରୀଙ୍କୁ ସାଢ଼େ ୪ ଘଣ୍ଟା ନଜରବନ୍ଦୀ

ନିରାକାରପୁର,୨୪।୩(ଡି.ଏନ୍.ଏ.)

ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ଗାୟାବନ୍ଦ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ ଓ କେତେଜଣ କର୍ମଚାରୀଙ୍କୁ ବନ ୱାଚରଙ୍କ ସମେତ ସହଯୋଗୀମାନେ ମିଶି ସାଢ଼େ ୪ଘଣ୍ଟା ନଜରବନ୍ଦୀରେ ରଖିଥିଲେ। ପରେ ଫରେଷ୍ଟର ଓ କର୍ମଚାରୀମାନେ ବୁଝାଶୁଝା କରିବାରୁ ମୁକୁଳିପାରିଥିଲେ। ସୂଚନାଯୋଗ୍ୟ, ଅପରାହ୍ନରେ ସେହି ଗ୍ରାମର ୨ଜଣ ବାଇକ ଆରୋହୀ ରାସ୍ତାରେ ଯାଉଥିବା ବେଳେ ହାତୀ ଆସୁଥିବା ଦେଖି ବାଇକ୍‌ରୁ ପଡ଼ି ଆହତ ହୋଇଥିଲେ। ଖବରପାଇ ଭୂଷଣ୍ଡପୁର ଫରେଷ୍ଟର ସମେତ କର୍ମଚାରୀମାନେ ଅପରାହ୍ନ ୬ଟାରେ ଗ୍ରାମରେ ପହଞ୍ଚିଲେ। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନତା କରିବାକୁ ଗ୍ରାମକୁ ଯାଇଥିବା ବେଳେ ସେଠାରେ ଥିବା ବନ ୱାଚର ସମେତ ତାଙ୍କ ସହଯୋଗୀମାନେ ହଠାତ୍ ଗାଁ ମଝିରେ ବନ ବିଭାଗ ଗାଡ଼ି ସମେତ ସମସ୍ତ କର୍ମଚାରୀମାନଙ୍କୁ ନେଇଯାଇ ଗ୍ରାମର ବନ ଜଗୁଆଳିଙ୍କୁ କାହିଁକି ହେଡ୍ କ୍ୱାର୍ଟରରେ ରଖିଛ କହି ନଜରବନ୍ଦୀରେ ରଖି ଦେଇଥିଲେ। ଏପରିକି ଗ୍ରାମରେ ହିଁ ପୋଷ୍ଟିଂ କରିବାକୁ ଜଗୁଆଳି ଜଣକ ଜିଦ୍ ଧରି ବସିଥିଲେ। ପରେ ଫରେଷ୍ଟର ବୁଝାଶୁଝା କରିବାରୁ ରାତି ପ୍ରାୟ ସାଢ଼େ ୯ଟାରେ ଛାଡ଼ିଥିଲେ। ଏ ସମ୍ପର୍କରେ ଫରେଷ୍ଟର ସିଂ କହିଛନ୍ତି, ଗୟାବନ୍ଦରେ ଥିବା ଜଣେ ବନ ଜଗୁଆଳି ହେଡ କ୍ୱାର୍ଟରରେ ନିୟୋଜିତ ଅଛନ୍ତି। ସେ ଗାଁରେ ରହିବେ କହି କେତେଜଣ ଗାଁଲୋକଙ୍କୁ କହି ନଜରବନ୍ଦୀରେ ରଖି ଦସ୍ତଖତ କରିବାକୁ ଧମକ ଦେଇଥିଲା। ପରେ ତାଙ୍କ ସହଯୋଗୀଙ୍କୁ ସବୁକଥା ବୁଝେଇବା ପରେ ଆମକୁ ଛାଡିଥିଲେ। ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଜଣାଇଛି ବୋଲି ଫରେଷ୍ଟର ପ୍ରକାଶ କରିଛନ୍ତି।

### ଆଠଗଡ଼ ଏନ୍‌ଏସିରୁ ଜଣେ ପଜିଟିଭ ଚିହ୍ନଟ

ଆଠଗଡ଼, ୨୪।୩(ସ୍ୱ.ପ୍ର.)

ଆଠଗଡ଼ ଏନ୍‌ଏସି କଣ୍ଟେନ୍‌ମେଣ୍ଟ ଅଞ୍ଚଳର ଜଣେ ମହିଳା(୬୫) ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୪୪ଜଣଙ୍କ ସ୍ୱାବ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ସମସ୍ତେ ନେଗେଟିଭ ଚିହ୍ନଟ ହୋଇଥିଲେ ମଧ ୪୧ ଜଣଙ୍କ ଆର୍‌ଟିପିସିଆର ଟେଷ୍ଟ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ସେହିପରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ୫୮ ଜଣଙ୍କ ସ୍ୱାବ ଟେଷ୍ଟ କରାଯାଇ ସେମାନଙ୍କ ମଧ୍ୟରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି।

## କୁମ୍ଭୁକା,ରାମେଶ୍ୱର ଜଙ୍ଗଲରେ ନିଆଁ

ଡେଲାଙ୍ଗ/ନିରାକାରପୁର,୨୪।୩(ଡି.ଏନ୍.ଏ.)

ପୁରୀ ଜିଲା ଡେଲାଙ୍ଗ -ଖୋର୍ଦ୍ଧା ରାସ୍ତା ସନ୍ନିକଟ ମାଙ୍ଗୁପଡା ଗ୍ରାମ ନିକଟ କୁମ୍ଭୁକା ଜଙ୍ଗଲରେ ବୁଧବାର ନିଆଁ ଲାଗିଯାଇଛି। ଖବରପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଉଥିବାର ଦେଖିବାକୁ ମିଳିଛି। ଏହି ନିଆଁରେ ବାଉଁଶ, ଆମ୍ବ, ଚାକୁଣ୍ଡା, ଆକାଶିଆ, ଶିଶୁ, ଶାଗୁଆନ ପ୍ରଭୃତି ଗଛ ଜଳିଯାଇଛି । ଜଙ୍ଗଲ ଜଳିବା ସମୟରେ ଜଙ୍ଗଲ ଭିତରେ ଥିବା ହରିଣ ଗହିର ବିଲ ଡେଇଁ ନିକଟସ୍ଥ ଗ୍ରାମଆଡକୁ ପଳାଇଥିଲେ। ଖବର ଲେଖା ହେବା ବେଳକୁ ରାତ୍ର ୯ ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭା ଜାରି ରହିଛି। ତେବେ ନିଆଁ ଲାଗିବାର ସ୍ପଷ୍ଟ କାରଣ ଜଣାପଡ଼ି ନ ଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଭୟଭୀତରେ ରହିଛନ୍ତି। ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅଧୀନରେ ଥିବା ରାମେଶ୍ୱର ପଞ୍ଚାୟତ ଜଗତପୁର ମୌଜାରେ ଥିବା ଜଙ୍ଗଲରେ ବୁଧବାର ହଠାତ୍ ନିଆଁ ଲାଗି ଯାଇଛି। ଖବରପାଇ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଦେଖିବା ସହ ଟାଙ୍ଗୀସ୍ଥିତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପରେ ଅଗ୍ନିଶମ କର୍ମଚାରୀ ଓ ବନ ବିଭାଗର କର୍ମଚାରୀମାନେ ମିଳିତ ଭାବେ ନିଆଁ ଲିଭାଇଥିଲେ। ଦୀର୍ଘ ସମୟର ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଛନ୍ତି। ନିଆଁରେ ପ୍ରାୟ ୩ ଏକର ଜଙ୍ଗଲ ଜଳିଯିବା ସହ କାଜୁ, ଆକାଶିଆ, ପଟାସ ଆଦି ବୃକ୍ଷ ସମେତ ଅନେକ ଦରକାରୀ ବୃକ୍ଷ ଜଳି ନଷ୍ଟ ହୋଇଯାଇଛି । ତେବେ ସ୍ଥାନୀୟ ପଥର ମାଫିଆମାନେ ଏହି ନିଆଁ ଲଗାଇଥିବା ଅନୁମାନ କରାଯାଉଛି ବୋଲି ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଂ କହିଛନ୍ତି।



କୁମ୍ଭୁକା ଜଙ୍ଗଲ ଜଳୁଛି।

## 'ବାହାରୁ ଆସିଲେ ଆର୍‌ଟିପିସିଆର୍ ଜରୁରୀ'

**୨ କି.ମି. ଚାଲି ସଚେତନ କଲେ ଜିଲାପାଳ**

- ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଉପରେ ସ୍ୱତନ୍ତ୍ର ନଜର
- ହେଲ୍‌ମେଟ, ଓଡ଼ିଆ ନାମଫଳକ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୪।୩

ଖୋର୍ଦ୍ଧା ପ୍ରଶାସନକୁ କୋଭିଡ୍ ଚିନ୍ତା ଘାରିଛି। ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅନୁଜ ଦାସପଟ୍ଟନାୟକ, ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର ପ୍ରମୁଖ ଖୋର୍ଦ୍ଧା ସହରରେ ଚାଲି ଚାଲି ଲୋକଙ୍କୁ ସଚେତନ କରିଛନ୍ତି। ଲୋକଙ୍କୁ ମାସ୍କ ବାଣ୍ଟିବା ସହ କୋଭିଡ୍ କଟକଣା ପାଳନ ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଓଡ଼ିଆରେ ନାମଫଳକ ଲେଖିବା ଏବଂ ବାଇକ ଚାଳନା ବେଳେ ହେଲ୍‌ମେଟ ପିନ୍ଧିବାକୁ ତାଗିଦ୍ କରିଛନ୍ତି। ବିନା ହେଲମେଟରେ ବୁଲିଲେ ଓ କୋଭିଡ୍ କଟକଣା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି।

ସ୍ଥାନୀୟ ଏସ୍‌ବିଆଇ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ୨କି.ମି. ବ୍ୟାପୀ ପରିବା ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ମାର୍କେଟ କମ୍ପ୍ଲେକ୍ସ, ବସ୍ଷ୍ଟାଣ୍ଡ ପ୍ରଭୃତି ସ୍ଥାନରେ ଲୋକଙ୍କୁ ସଚେତନ କରାଯାଇଥିଲା। ମାସ୍କ ପିନ୍ଧି ହାତ ସାନିଟାଇଜ କରି ଏବଂ ସାମାଜିକ ଦୂରତା ରଖି ବେପାର କରିବାକୁ କୁହାଯାଇଥିଲା।

ଏ ନେଇ ଜିଲାପାଳ କହିଛନ୍ତି, ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଛି। ଏହା ଚିନ୍ତାର କାରଣ ପାଲଟିଛି। ଖୋର୍ଦ୍ଧା ଗ୍ରାମାଞ୍ଚଳ (ବିଏମ୍‌ସିକୁ ବାଦ୍‌ଦେଇ)ରେ କରୋନ ନିୟନ୍ତ୍ରଣାଧୀନ ରହିଛି। ରାଜ୍ୟରେ କରୋନା ପରୀକ୍ଷାରେ ଖୋର୍ଦ୍ଧା ଜିଲା ଆଗରେ ରହିଛି। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଚାଲିଛି। ଏଥିସହ କରୋନା ଟେଷ୍ଟକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା କେବଳ ୮ଟି ଆକ୍ଟିଭ କେସ୍ ରହିଛି। ତଥାପି ସଚେତନତା, ସତର୍କତା ଓ ସାବଧାନତା ଜରୁରୀ। ବାହାର ରାଜ୍ୟରୁ ଆସୁଥିବା ବ୍ୟକ୍ତିଙ୍କ ଆର୍‌ଟିପିସିଆର୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ବାହାରୁ ଆସିଲେ ସଙ୍ଗରୋଧରେ ରହିବେ। ଖୋର୍ଦ୍ଧାରେ ନାଇଜର, ଆଇଆଇଟି, ଇଞ୍ଜିନିୟରିଂ ପ୍ରଭୃତି ଶିକ୍ଷାନୁଷ୍ଠାନରେ ପଢୁଥିବା ବାହାର ରାଜ୍ୟର ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖାଯିବ। ଉକ୍ତ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କୁହାଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନରେ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ କରାଯାଇଛି। କରୋନା ସଚେତନତା ନେଇ ସମସ୍ତ ଶିଳ୍ପ ସଂସ୍ଥା, ବ୍ୟବସାୟୀ ସଂଘ, ଓକିଲ ସଂଘ, ସାମାଜିକ ଅନୁଷ୍ଠାନ ସହିତ ଆଲୋଚନା କରାଯାଇଛି। କୋଭିଡ ଗାଇଡ୍‌ଲାଇନ ପାଳନ ଲାଗି ପରାମର୍ଶ ଦିଆଯାଇଛି। ବିଡିଓ, ତହସିଲଦାର, ପୌରନିର୍ବାହୀ ଅଧିକାରୀ, ସରପଞ୍ଚ, ଲୋକପ୍ରତିନିଧିମାନେ ଏଥିପ୍ରତି ଗୁରୁତ୍ୱ ଦେବେ।



ଜିଲାପାଳ ସନତ ମହାନ୍ତି ଓ ଅନ୍ୟ ଅଧିକାରୀମାନେ ସଚେତନତା ପାଇଁ ସହର ବୁଲୁଛନ୍ତି।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଆରମ୍ଭ

ଭୁବନେଶ୍ୱର, ୨୪।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ଓ କଟକ ୟୁନିୟନ କ୍ଲବ ଆନୁକୂଲ୍ୟରେ ୨୨ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ବୁଧବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। କଟକ ଡିସିପି ପ୍ରତୀକ ସିଂ ମୁଖ୍ୟ ଅତିଥି, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ମହାସଚିବ ବସିର ଅହମଦ, ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ୟୁନିୟନ କ୍ଲବ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହକୁ ସଂଯୋଜନା କରିଥିଲେ ରମେଶ ମଲିକ। ହରି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ୨୨ ରାଜ୍ୟରୁ ୪୫୦ ଖେଳାଳି ଓ ୧୫ ଟେକ୍ନିକାଲ ଅଫିସିଆଲ ଯୋଗ ଦେଇଛନ୍ତି। ୧୪ ବର୍ଷରୁ କମ୍ ମହିଳା ସାବେର ଇଭେଣ୍ଟରେ ତେଲେଙ୍ଗାନାର ଜି. ଶ୍ରୀଜା ଚାମ୍ପିୟନ ଓ ଦିଲ୍ଲୀର ପ୍ରକୃତି ଶର୍ମା ରନର୍ସଅପ୍ ହୋଇଛନ୍ତି। ୧୪ ବର୍ଷରୁ କମ୍ ପୁରୁଷ ଇପି ଇଭେଣ୍ଟ ମଧ୍ୟ ବୁଧବାର ଅନୁଷ୍ଠିତ ହୋଇଛି।


ପ୍ରଥମ ଦିବସରରେ ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଲଢ଼େଇ।

# ଆଇସିସି ବୈଠକରେ ଅମ୍ପାୟର୍ସ କଲ୍ ନେଇ ଚର୍ଚ୍ଚା ହେବ

ଦୁବାଇ,୨୪।୩(ପି.ଟି.)

ଚଳିତ ସପ୍ତାହ ଶେଷ ଆଡକୁ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବୈଠକରେ ଅମ୍ପାୟର୍ସ କଲ୍ ନେଇ ସବିଶେଷ ଆଲୋଚନା ହେବ। ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସମେତ କେତେଜଣ ଖେଳାଳି ଅମ୍ପାୟର୍ସ କଲ୍‌କୁ ସମାଲୋଚନା କରିବା ସହ ଆପତ୍ତି ଉଠାଇଥିଲେ। ମାର୍ଚ୍ଚ ୩୦ ତାରିଖରେ ବୋର୍ଡ ଅନିଲ କୁମ୍ବଲେଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ସେହିପରି ବିଭିନ୍ନ କାରଣରୁ କଡ଼ା ସମାଲୋଚନାର ଶିକାର ହୋଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହାନୀଙ୍କ ଭବିଷ୍ୟତ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ। ସହକର୍ମୀଙ୍କୁ ନିଜର ଆପତ୍ତିଜନକ ଓ ଖରାପ ବ୍ୟବହାର ପାଇଁ ସାହାନୀଙ୍କୁ ଛୁଟିରେ ପଠାଇଦିଆଯାଇଛି।

ଅମ୍ପାୟର୍ସ କଲ୍ କାରଣରୁ କେତୋଟି ବିବାଦୀୟ ନିଷ୍ପତ୍ତି ନେଇ କୋହଲି ପୂର୍ବରୁ ଆପତ୍ତି ଉଠାଇଥିଲେ। ଏହି ନିୟମ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ଏଲ୍‌ବିଡବ୍ଲ୍ୟୁ ନିଷ୍ପତ୍ତି ନେବାବେଳେ କେବଳ ବଲ୍ ଷ୍ଟମ୍ପରେ ବାଜିବ କି ନା ସେ ନେଇ ବଚାର କରାଯିବା ଉଚିତ ବୋଲି କୋହଲି କହିଥିଲେ। ସବୁ ବୋର୍ଡମାନଙ୍କ ସହମତିରେ ଆଇସିସି ନିଷ୍ପତ୍ତି ନେଇଥାଏ।

ଅଧିନାୟକ କୋହଲି ଓ ପୂର୍ବତନ ଭାରତୀୟ କୋଚ ଅନିଲ କୁମ୍ବଲେଙ୍କ ମଧ୍ୟରେ ସମ୍ପର୍କ ସେତେବେଳେ ଭଲ ନ ଥିଲା। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ରେ ପଏଣ୍ଟ ନିୟମରେ ପରିବର୍ତ୍ତନ କରିବାକୁ କୁମ୍ବଲେଙ୍କ ନେତୃତ୍ୱାଧୀନ କମିଟି ନିଷ୍ପତ୍ତି ନେଇଥିଲା। ନିୟମ ବଦଳିବା ପରେ ପର୍ସେଣ୍ଟେଜ ପଏଣ୍ଟ ସିଷ୍ଟମ ଲାଗୁ ହୋଇଥିଲା ଓ ଭାରତ ପ୍ରଥମରୁ ତୃତୀୟ ସ୍ଥାନକୁ ଖସିଥିଲା। ସେତେବେଳେ ଏହି ନିୟମକୁ କୋଚ୍ ରବି ଶାସ୍ତ୍ରୀ ଓ କୋହଲି ସମାଲୋଚନା କରିଥିଲେ। ତେବେ ଭାରତ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା।

ଏହି ବୈଠକରେ ସାହାନୀଙ୍କ ଭବିଷ୍ୟତ ନେଇ ଆଲୋଚନା ହେବ। ଅଧିକାଂଶ ପ୍ରଭାବୀ ବୋର୍ଡମାନେ ତାଙ୍କୁ ହଟାଇବାକୁ ଚାହୁଁଥିବା ବେଳେ ଅନ୍ୟ କେତେକ ବୋର୍ଡ ତାଙ୍କୁ ସମର୍ଥନ କରୁଛନ୍ତି। ପୁଣି ଭାରତରେ ଆୟୋଜନ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍ ଓ ତା'ର କାର୍ଯ୍ୟସୂଚୀ ନିର୍ଦ୍ଧାରଣ ନେଇ ମଧ୍ୟ ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି।

# ଦିନିକିଆ ସିରିଜ, ଆଇପିଏଲ୍‌ରୁ ଆୟାର ଆଉଟ୍

**ପୁଣେ,୨୪।୩(ପି.ଟି.):** ଭାରତୀୟ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଚଳିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ବାଦ୍ ପଡିଛନ୍ତି। ମଙ୍ଗଳବାର ପ୍ରଥମ ଦିନିକିଆରେ ଫିଲ୍ଡିଂ କରିବା ଅବସରରେ ସେ ବାମ କାନ୍ଧରେ ଆଘାତ ପାଇଥିଲେ। ଏହି ଇଞ୍ଜୁରି ପାଇଁ ସେ ଅତିକମ୍‌ରେ ୪ ମାସ କ୍ରିକେଟରୁ ଦୂରେଇ ରହିବେ। ଫଳରେ ଆଇପିଏଲ୍ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସକୁ



ଶକ୍ତ ଧକ୍କା ଲାଗିଛି। ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ଇନିଂସର ଅଷ୍ଟମ ଓଭରରେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଜନି ବେୟାରଷ୍ଟୋ ଏକ ଶଟ୍ ଖେଳିଥିଲେ। ଆୟାର ଡାଇଭ୍ ମାରି ବଲ୍ ରୋକିବାକୁ ପ୍ରୟାସ କରିଥିଲେ। ଫଳରେ ସେ କାନ୍ଧରେ ଆଘାତ ପାଇଥିଲେ। ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପଡିଆ ବାହାରକୁ ନିଆଯାଇଥିଲା। ଦିନିକିଆ ସିରିଜ ସମେତ ସେ ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଏବେ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେଣୁ ତାଙ୍କ ବାମକାନ୍ଧରେ ଅସ୍ତ୍ରୋପଚାର କରାଯିବା ଜରୁରୀ ହୋଇପଡିଛି। ଫଳରେ ସେ ଅତିକମ୍‌ରେ ୪ ମାସ ଖେଳରୁ ଦୂରେଇ ରହିବେ ବୋଲି ବୋର୍ଡ ସୂତ୍ରରୁ ପ୍ରକାଶ। ଏଥିପାଇଁ ଆୟାର ମଧ୍ୟ ଲଙ୍କାସାୟାର ତରଫରୁ ଇଂଲିଶ କାଉଣ୍ଟି ଖେଳିପାରିବେ ନାହିଁ। କାଉଣ୍ଟି ଦିନିକିଆ ଟୁର୍ନାମେଣ୍ଟ ଜୁଲାଇ ୨୩ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ୨୬ ବର୍ଷୀୟ ଆୟାରଙ୍କ ସହ ଲଙ୍କାସାୟାର ଚୁକ୍ତି କରିଛି ବୋଲି ସୋମବାର ଘୋଷଣା କରିଥିଲା। ଆୟାର ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଛନ୍ତି।

# ପି.ଟି. ଉଷା, ରାନ୍ଧାୱା ଚୟନ କମିଟି ମୁଖ୍ୟ

ନୂଆଦିଲ୍ଲୀ, ୨୪।୩(ପି.ଟି.)

ସ୍ପ୍ରିଣ୍ଟ କୁଇନ୍ ପି.ଟି. ଉଷା ଏବଂ ହର୍ଡଲ୍ସ ଗ୍ରେଟ୍ ଗୁରବଚନ ସିଂ ରାନ୍ଧାୱା ଯଥାକ୍ରମେ ଜୁନିୟର ଏବଂ ସିନିୟର ଚୟନ କମିଟି ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ବୁଧବାର ଉଭୟ ଖେଳାଳିଙ୍କୁ ଏହି ନିଯୁକ୍ତି ଦେଇଛି। ୫୬ ବର୍ଷୀୟା ଉଷା ଏସିଆନ ଗେମ୍ସର ୧୦୦, ୨୦୦, ୪୦୦ ମିଟର ଏବଂ ୪x୪୦୦ ମିଟର ଆଦି ବିଭିନ୍ନ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ସେ ୧୯୮୪ ଅଲିମ୍ପିକ୍ସର ୪୦୦ ମିଟର ହର୍ଡଲ୍ସରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଉଷାଙ୍କ ବ୍ୟତୀତ ଜୁନିୟର କମିଟିରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ସୋମା ବିଶ୍ୱାସ, ଆନନ୍ଦ ମେଞ୍ଜେସ, ସତବୀର ସିଂ, ସନ୍ଦୀପ ସାର୍କାରିଆ, ସୁନୀତା ରାଣୀ, ରାମ ଚନ୍ଦ୍ରନ, ଜୋଶେଫ ଆବ୍ରାହମ୍, ହରୱନ୍ତ କୌର, ଏମ୍.ଡି. ଭାଲସାମା ଓ କମଲ ଅଲୀ ଖାଁ। ସେହିପରି ରାନ୍ଧାୱାଙ୍କ ନେତୃତ୍ୱାଧୀନ ସିନିୟର କମିଟିରେ ପୂର୍ବତନ

**ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ**

ମୁଖ୍ୟ କୋଚ୍ ବାହାଦୁର ସିଂ, ବାହାଦୁର ସିଂ ସାଗୁ, କ୍ରିଷ୍ଣା ପୁନିଆ, ଜ୍ୟୋତିର୍ମୟୀ ସିକ୍‌ଦାର, ଉଦୟ ପ୍ରଭୁ, ପ୍ରବୀଣ ଜୋଲି ଓ ଗୋପାଳ ସଇନୀ ପ୍ରମୁଖ ସ୍ଥାନ ପାଇଛନ୍ତି। ୮୧ ବର୍ଷୀୟ ରାନ୍ଧାୱା ୧୯୮୨ ଏସିଆନ ଗେମ୍ସର ଡେକାଥଲନରେ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ୧୯୬୪ ଅଲିମ୍ପିକ୍ସର ୧୧୦ ମିଟର ହର୍ଡଲ୍ସରେ ୫ମ ସ୍ଥାନ ଅଧିକାର କରିଥିଲେ। ''କମିଟିରେ ସ୍ଥାନ ପାଇଥିବା ପ୍ରତି ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଭିଜ୍ଞତାରେ ଭରପୂର ଆଥଲେଟ୍‌ଙ୍କୁ ଚୟନ କମିଟିରେ ପ୍ରାଧାନ୍ୟ ଦିଆଯାଇଛି'' ବୋଲି ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଏଏଫ୍‌ଆଇ ସଭାପତି, ସମ୍ପାଦକ, ମୁଖ୍ୟ କୋଚ୍ ଏବଂ ଯୋଜନା କମିଟି ଅଧ୍ୟକ୍ଷ କମିଟିର ଅନ୍ୟ ସଦସ୍ୟଭାବେ କାର୍ଯ୍ୟ କରିବେ।


ପି.ଟି. ଉଷା


ଗୁରବଚନ ସିଂ ରାନ୍ଧାୱା

# ପ୍ରଥମ ଟେଷ୍ଟ: ଶ୍ରୀଲଙ୍କାର ପ୍ରତ୍ୟାବର୍ତ୍ତନ

**ଆଣ୍ଟିଗୁଆ,୨୪।୩:** ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ଇନିଂସରେ ପଛରେ ପଡିଥିଲେ ମଧ୍ୟ ଦୃଢ ପ୍ରତ୍ୟାବର୍ତ୍ତନ କରି ସ୍ଥିତ ଦୃଢ କରିଛି। ଟସ୍ ହାରି ଶ୍ରୀଲଙ୍କା ପ୍ରଥମ ଇନିଂସରେ ୧୬୯ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ୨୭୧ ରନକରି ଅଲଆଉଟ ହୋଇଥିଲା। ଫଳରେ ଶ୍ରୀଲଙ୍କା ୧୦୨ ରନରେ ପଛରେ ପଡିଥିଲା। ତେବେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ବୁଧବାର ଚତୁର୍ଥ ଦିନ ଦ୍ୱିତୀୟ ସେସନ ସୁଦ୍ଧା ୧୨୫ ଓଭରରେ ୫ ଉଇକେଟ ହରାଇ ୩୮୪ ରନ ସଂଗ୍ରହ କରିଛି। ଫଳରେ ଶ୍ରୀଲଙ୍କା ମୋଟ ଉପରେ ୫ ଉଇକେଟ ହାତରେ ରଖି ୨୮୨ ରନର ଅଗ୍ରଣୀ ହାସଲ କରିଛି। ପଥୁମ ନିଶାଙ୍କା ୮୪ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ୫୦ ରନକରି ବ୍ୟାଟିଂ ଜାରି ରଖିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୫୫/୪ରୁ ଶ୍ରୀଲଙ୍କା ଖେଳ ଆରମ୍ଭ କରିଥିଲା। ଧନଞ୍ଜୟ ଡି ସିଲ୍‌ଭା ୪୬ ରନରୁ ଖେଳ ଆରମ୍ଭ କରି ୫୦ ରନକରି ଆଉଟ ହୋଇଥିଲେ। ସେହିପରି ନିଶାଙ୍କା ୨୧ ରନରୁ ଖେଳ ଆରମ୍ଭ କରିଥିଲେ। ଏହାପୂର୍ବରୁ ଓପନର ଲାହିରୁ ଥିରିମାନେ ୭୬ ଓ ଓଶାଡା ଫର୍ଣ୍ଣାଣ୍ଡୋ ୯୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।

# କଟକ ଆଥ୍‌ଲେଟିକ୍ ଆସୋସିଏଶନ ଚାମ୍ପିୟନ

ଆଳି,୨୪।୩(ଡି.ଏନ.ଏ.)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଶରତ ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଭଦ୍ରକ ୟୁନାଇଟେଡ୍ ଓ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ ।

**ରାଜ୍ୟସ୍ତରୀୟ ଶରତ ଦେବ ଫୁଟ୍‌ବଲ ଟୁର୍ନାମେଣ୍ଟ**


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଖେଳର ଦ୍ୱିତୀୟାର୍ଦ୍ଧରେ କଟକ ଟିମ୍ ଗୋଟିଏ ଗୋଲ ଦେଇ ଚଳିତ ବର୍ଷର ଚାମ୍ପିୟାନ ହୋଇଛି ।

ଟ୍ରଷ୍ଟର ସଭାପତି ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ,ମୁଖ୍ୟବକ୍ତା ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ,ସମ୍ମାନୀତ ଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ଧାମନଗରର ପୂର୍ବତନ ବିଧାୟକ ରାଜକିଶୋର ଦାସ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହିତ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନର ରାଜେଶ ନାୟକ ଓ ମ୍ୟାନ ଅଫ୍ ଦି ସିରିଜ ଟ୍ରଫି ଭଦ୍ରକ ୟୁନାଇଟେଡର ଫଗୁ ହେମ୍ବ୍ରମଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟର ସମ୍ପାଦକ ଭୀଷ୍ମ ମହାନ୍ତି ବିବରଣୀ ପାଠ କରିଥିଲେ । ସୁବ୍ରତ ଦାଶ,ନିର୍ମଳ ବେହେରା,ମନୋଜ ମହାନ୍ତି ଓ କୃଷ୍ଣଚନ୍ଦ୍ର ପରିଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସାଇନା, ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

**ପ୍ୟାରିସ, ୨୪।୩ (ପି.ଟି.):** ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାଇନା ନେହ୍‌ୱାଲ ଓ ଶୀର୍ଷ ସ୍ଥାନୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା କିଦାମ୍ବି ଶ୍ରୀକାନ୍ତ ଓର୍ଲେନ୍ସ ମାଷ୍ଟର୍ସ ପ୍ରତିଯୋଗିତାରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସାଇନା ନିଜ ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡର ରାକେଲ ଡାରାଗ୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ସନ୍ଧାନରେ ଥିବା ୪ର୍ଥ ସିଡ୍ ସାଇନା ମାତ୍ର ୨୧ ମିନିଟ ସମୟ ନେଇ ୨୧-୯, ୨୧-୫ ପଏଣ୍ଟରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଫ୍ରାନ୍ସର ମାରି ବାଟୋମେନଙ୍କୁ ଭେଟିବେ। ଜଙ୍ଘରେ ଆଘାତ ଯୋଗୁ ସାଇନା ଗତ ସପ୍ତାହରେ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରୁ ଓହରି ଯାଇଥିଲେ। ନମ୍ବର ୱାନ ସିଡ୍‌ର ମାନ୍ୟତା ପାଇଥିବା ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ବାଇ ପାଇଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ଅଜୟ ଜୟରାମଙ୍କୁ ୨୧୦୧୫, ୨୧-୧୦ ପଏଣ୍ଟରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଚେନ୍ନାଇର ନୂଆ ଜର୍ସି ଉନ୍ମୋଚିତ

ଚେନ୍ନାଇ,୨୪।୩(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୪ତମ ସଂସ୍କରଣ ପାଇଁ ୩ଥର ଟାଇଟଲ ଜିତିଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତା'ର ନୂଆ ଜର୍ସି ଉନ୍ମୋଚନ କରିଛି। ଦେଶର ସେନାବାହିନୀକୁ ଉତ୍ସର୍ଗ କରି ନୂଆ ରୂପରେ ବୁଧବାର ଏହି ଜର୍ସି ଉନ୍ମୋଚିତ କରାଯାଇଛି। ଏପ୍ରିଲ ୯ ତାରିଖରୁ ଆଇପିଏଲ୍ ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇ ୨୦୧୦, ୨୦୧୧ ଓ ୨୦୧୮ରେ ୩ଥର ଆଇପିଏଲ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିବାରୁ ଏହି ନୂଆ ଜର୍ସିର ଉପରେ ଥିବା ଫ୍ରାଞ୍ଚାଇଜ୍ ଲୋଗର ଠିକ୍ ଉପରେ ୩ଟି ତାରକା ଚିହ୍ନିତ କରାଯାଇଛି। ଏଥିସହିତ ଭାରତୀୟ ସଶସ୍ତ୍ର ସେନାବାହିନୀର ସମ୍ମାନ ପାଇଁ ଜର୍ସିରେ ବିଭିନ୍ନ ରଙ୍ଗର କୃତ୍ରିମ ଆବରଣ ରଖାଯାଇଛି। ଦେଶର ଯବାନମାନେ ହିଁ ପ୍ରକୃତ ହିରୋ। ତେଣୁ ସେମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଜର୍ସିରେ ଆମେ ଏଭଳି ଆବରଣ ରଖିଛୁ ବୋଲି ସିଏସ୍‌କେ ମୁଖ୍ୟ କାର୍ଯ୍ୟନିର୍ବାହୀ କେ.ଏସ. ବିଶ୍ୱନାଥନ କହିଛନ୍ତି। ଟୁଇଟରରେ ସିଏସ୍‌କେ ଏ ନେଇ ଏକ ଭିଡିଓ ରିଲିଜ କରିଛି। ଏଥିରେ ଅଧିନାୟକ ମହେନ୍ଦ୍ର


ନୂଆ ଜର୍ସି ସହିତ ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ।

ସିଂ ଧୋନୀ ନୂଆ ଜର୍ସି ଲଞ୍ଚ୍ କରୁଥିବାର ଦେଖାଯାଇଛି। ୨୦୦୮ରେ ଆଇପିଏଲ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ଚେନ୍ନାଇ ତା'ର ଜର୍ସିକୁ ପରିବର୍ତ୍ତନ କରି ନୂଆ ରୂପ ଓ ରଙ୍ଗ ଦେଇଛି।

ସେନାବାହିନୀ ପ୍ରତି ସିଏସ୍‌କେର ସ୍ୱତନ୍ତ୍ର ସମ୍ମାନ ପୂର୍ବରୁ ରହିଆସିଛି। ୨୦୧୯ ଆଇପିଏଲ୍ ସେସନ ପୂର୍ବରୁ ସେନାକୁ ୨ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲା। ଧୋନୀ ମଧ୍ୟ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟେନାଣ୍ଟ କଲୋନେଲ ପଦ ହାସଲ କରିଛନ୍ତି। ସେ ମଧ୍ୟ ୨୦୧୯ରେ ପାରାଶୁଟ ରେଜିମେଣ୍ଟରେ ଟ୍ରେନିଂ ନେଇଥିଲେ। ଗତ ୧୧ଟି ସେସନରେ ସିଏସ୍‌କେ ୬ ଥର ଆଇପିଏଲ୍ ଫେୟାର ପ୍ଲେ ପୁରସ୍କାର ହାସଲ କରିଛି। ଏଥିସହିତ ସିଏସ୍‌କେର ପ୍ରାୟୋଜକ ରହିଥିବା ମନ୍ତ୍ରା, ଇଣ୍ଡିଆ ସିମେଣ୍ଟ୍ସ ଲିମିଟେଡ, ଗଲ୍ଫ, ନିପ୍ପୋନ ପେଣ୍ଟ, ଏସ୍‌ଏସ୍‌ଜେ ଓ ଅଷ୍ଟ୍ରାଲ ପାଇପ୍ସର ଲୋଗଗୁଡ଼ିକ ମଧ୍ୟ ଜର୍ସିରେ ଚିହ୍ନିତ ହୋଇଛି।

# ୧୯୭୧ କ୍ରିକେଟ ହିରୋଙ୍କୁ ସଙ୍ଗୀତ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ୧୯୭୧ରେ ଅଜିତ ୱାଡେକରଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ପ୍ରଥମଥର ପାଇଁ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। ଭାରତ ଦୁଇଟି ଯାକ ସିରିଜକୁ ୧-୦ରେ ହାତେଇଥିଲା। ଏବେ ଏହି ଦଳର ସମ୍ମାନରେ ଏକ ସଙ୍ଗୀତଭିତ୍ତିକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ସଙ୍ଗୀତର ଶୀର୍ଷକ ରହିଛି 'ହିରୋଜ ଅଫ୍ ୧୯୭୧'। କେରଳ କୋଝିକୋଡ ଜିଲାର କଲିକଟ୍‌ସ୍ଥିତ ମାଲବାର ଖ୍ରୀଷ୍ଟିଆନ କଲେଜର ପ୍ରଫେସର ବଶିଷ୍ଟ ଏହି ଗୀତ ଲେଖିଛନ୍ତି। ଏହି ଗୀତକୁ ଗାଇଛନ୍ତି ତାଙ୍କ ଛାତ୍ର ଜ୍ୟାକସନ ଭର୍ଗିଜ୍। ବିବିଧତା ମଧ୍ୟରେ ଏକତା ଭାରତର ପରମ୍ପରା ରହିଆସିଛି। କ୍ରିକେଟ ମଧ୍ୟ ଦେଶକୁ ଏକାଠି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ତେଣୁ ଏହି ଗୀତ ମାଧ୍ୟମରେ କ୍ରିକେଟ ଜାତୀୟ ସଂହତିକୁ ଆହୁରି ଦୃଢ଼ କରିବା ନେଇ ବାର୍ତ୍ତା ଦେବ ବୋଲି ବଶିଷ୍ଟ ଆଶାପ୍ରକାଶ କରିଛନ୍ତି। ୧୯୭୧ର ଏହି ଭାରତୀୟ ଦଳରେ ଦିଲୀପ ସରଦେଶାଇ, ସୁନୀଲ ଗାଭାସ୍କର, ଏକନାଥ ସୋଲକର, ବି.ଏସ୍. ଚନ୍ଦ୍ରଶେଖର, ଏସ୍. ଭେଙ୍କଟରାଘବନଙ୍କ ଭଳି କିମ୍ବଦନ୍ତୀ ଖେଳାଳି ସାମିଲ ଥିଲେ। ୧୯୭୧ ଫେବୃୟାରୀ ୨୦ ତାରିଖରେ ସରଦେଶାଇ ପ୍ରଥମ ଭାରତୀୟ ଖେଳାଳିଭାବେ ବିଦେଶ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୧୨ ରନ




ସଂଗ୍ରହ କରି ଦ୍ୱିଶତକ ହାସଲ କରିଥିଲେ। ୫୦ ବର୍ଷ ତଳେ ଏହି ଗସ୍ତ ଅବସରରେ ଗାଭାସ୍କର ପୋର୍ଟ ଅଫ୍ ସ୍ପେନ୍‌ରେ ଡେବ୍ୟୁ କରିଥିଲେ। ସୋଲକର ଓ ସରଦେଶାଇ ଶତକୀୟ ଭାଗୀଦାରି ସ୍ଥାପନ କରି ଭାରତକୁ ପରାଜୟରୁ ରକ୍ଷା କରିଥିଲେ। ଚନ୍ଦ୍ରଶେଖର ମଧ୍ୟ ୩୮ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ ଓ ଇଂଲଣ୍ଡ ବିପକ୍ଷ ସିରିଜ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭେଙ୍କଟରାଘବନ ୨୨ଟି ଉଇକେଟ ନେଇ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସାଇ, ଛାତ୍ରାବାସ, ରେଲୱେ ବିଜୟୀ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ) ବୁଧବାର ଅନୁଷ୍ଠିତ ମ୍ୟାଚରେ ସାଇ-ଏସଟିସି, କ୍ରୀଡ଼ା ଛାତ୍ରାବାସ ଓ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇଛି।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କ୍ରୀଡ଼ା ଛାତ୍ରାବାସ ୩-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମନୀଷା ନାୟକ ୩୦ ଓ ୪୩ତମ ମିନିଟରେ ୨ଟି ଏବଂ ମାଳତୀ ମୁଣ୍ଡା ୮୨ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସାଇ-ଏସ୍‌ଟିସି ୭-୨ ଗୋଲରେ ଓଜିପି କ୍ଲବକୁ ହରାଇ ଦେଇଛି। ସାଇ ପକ୍ଷରୁ ଦୀପା ନାୟକ ୩୮, ୪୮, ୭୯ ଓ ୮୦ତମ ମିନିଟରେ ଏକାକୀ ୪ଟି


କ୍ୟାପିଟାଲ ହାଇସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ ଏକ ମ୍ୟାଚ୍।

ଏବଂ ଜ୍ୟୋତି ଦଳାଇ ୫୩, ୫୬ ଓ ୯୦+୧ ମିନିଟରେ ୩ଟି ଗୋଲ ସ୍କୋର କରିଥିଲେ। ଉଭୟ ଖେଳାଳି ମ୍ୟାଚର ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଓଜିପି ପକ୍ଷରୁ ଲକ୍ଷ୍ମୀପ୍ରିୟା ଲେଙ୍କା ୮ମ ଓ ୪୫+୩ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୨-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଦେଇଛି। ସୁପ୍ରିୟା ରାଉତରାୟ ୧୧ତମ ମିନିଟରେ ଗୋଲ ଦେଇ ରେଲୱେକୁ ଅଗ୍ରଣୀ କରାଇଥିଲେ। ମାତ୍ର ଚମତ୍କାର ପ୍ରଦର୍ଶନ କରି ଆସିଥିବା ରାଇଜିଂ ଷ୍ଟୁଡେଣ୍ଟ କଡ଼ା ଟକ୍କର ଦେଇଥିଲା। ଏହି ଦଳର ସୁଭଦ୍ରା ସାହୁ ୩୮ତମ ମିନିଟରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଉଭୟ ଦଳ ଅଗ୍ରଣୀ ପାଇଁ ଆକ୍ରମଣକୁ ଜୋରଦାର କରିଥିଲେ। ରେଲୱେର ସରୋଜିନୀ ତିର୍କି ୬୩ତମ

**ଓଡ଼ିଶା ଓମେନ୍ସ ଲିଗ୍ ଫୁଟ୍‌ବଲ**

ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଏକାଧିକ ଥର ଗୋଲ ସ୍କୋରିଂ ଉଦ୍ୟମ ହୋଇଥିଲେ ହେଁ ରେଲୱେ ଡିଫେଣ୍ଡରମାନେ ସଫଳତାର ସହ ତାକୁ ପ୍ରତିହତ କରିଥିଲେ। ଆଗାମୀ ୨୭ ତାରିଖରେ ଓଡ଼ିଶା ପୋଲିସ-ଓଜିପି, ରେଲୱେ-କ୍ରୀଡ଼ା ଛାତ୍ରାବାସ ଏବଂ ରାଇଜିଂ ଷ୍ଟୁଡେଣ୍ଟ ଓ ସାଇ ଏସ୍‌ଟିସି ମଧ୍ୟରେ ମୁକାବିଲା ହେବ।

## ଜିଲା ମୂଲ୍ୟାୟନ କମିଟି ବୈଠକ

**ଖୋର୍ଦ୍ଧା ଅଫିସ :** ଖୋର୍ଦ୍ଧା ଜିଲାସ୍ତରୀୟ ମୂଲ୍ୟାୟନ କମିଟି ବୈଠକ ବୁଧବାର ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମିଜମା ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ସ୍ଥିରୀକୃତ ପ୍ରସ୍ତାବ ଅନୁମୋଦନ ସକାଶେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଯିବ। ପ୍ରସ୍ତାବ ଅନୁମୋଦିତ ହେବା ପରେ ଆସନ୍ତା ଆର୍ଥିକ ବର୍ଷରୁ ଜିଲାରେ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ଜମି କିଣାବିକା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ ଓ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ସମସ୍ତ ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୪ ହଜାର ଜରିମାନା ଆଦାୟ

**ପୁରୀ ଅଫିସ,୨୪।୩:** ପୁରୀ ସହରରେ ମାସ୍କ ଓ ହେଲମେଟ୍ ଚେକିଂ କଡ଼ାକଡ଼ି କରାଯାଇଛି। ଟ୍ରିପଲ ରାଇଡିଂ ଓ ହେଲମେଟ୍ ଚେକିଂ କରି ଟ୍ରାଫିକ୍ ପୋଲିସ ବୁଧବାର ୧୪ ହଜାର ଟଙ୍କାର ଜରିମାନା ଆଦାୟ କରିଛି। ମଙ୍ଗଳାଘାଟ, ଅଠରନଳା, ମାର୍କେଟ ଛକ ଓ ସୁଭାଷ ବୋଷ ଛକ ପ୍ରଭୃତି ଅଞ୍ଚଳରେ ଟ୍ରାଫିକ୍ ପୋଲିସ ଦିନସାରା ପଇଁତରା ମାରୁଥିଲା। ଟ୍ରିପଲ୍ ରାଇଡିଂ କରୁଥିବା ଗାଡ଼ିଚାଳକଙ୍କୁ ଅଟକାଇ ପୋଲିସ ସେମାନଙ୍କ ଇ-ଚାଲାଣ କାଟିଛି। ସେହିଭଳି ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଥିବା ବ୍ୟକ୍ତିଙ୍କୁ ମଧ ଜରିମାନା ଦେବାକୁ ପଡ଼ିଛି। ସେହିପରି କୋଭିଡ୍ କଟକଣା ପାଳନ ନେଇ ୧୨ଟି ପିସିଆର୍ ଭ୍ୟାନ ଓ ଥାନା ଗାଡ଼ି ପୁରୀ ସହର ସାରା ବୁଲି ଲୋକଙ୍କୁ ସଚେତନ କରିଛି। ଟ୍ରାଫିକ ଆଇଆଇସି ସୁଧୀର କୁମାର ସାହୁ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସହରରେ କୋଭିଡ୍ ସଚେତନତା କରାଯାଉଛି। ୨-୩ ଦିନ ପରେ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗହଳି ହେଉଥିବାରୁ ସେଠାରେ ମଧ କୋଭିଡ୍ କଟକଣାକୁ କଡାକଡ଼ି କରିବା ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ ହେଉଛି। ଶ୍ରୀମନ୍ଦିର ପ୍ରଶାସନ ମନ୍ଦିର ଭିତରେ ଓ ବାହାରେ ଏହି କଟକଣା ଲାଗୁ କରିବାକୁ ନିଷ୍ପତ୍ତି ନେଇଛି।

### ଦ୍ୱିତୀୟ ଅଟୋ ଆସୋସିଏଶନର ସଭାପତିଙ୍କ କୁଶପୁତ୍ତଳିକା ଦାହ

**କାକଟପୁର,୨୪।୩(ଡି.ଏନ୍.ଏ.)-** କାକଟପୁରରେ ୨୦୦୮ରୁ ମା' ମଙ୍ଗଳା ଅଟୋ ଆସୋସିଏଶନ ସଂଘ ପୁରୀ ଜିଲାପାଳଙ୍କ ସ୍ୱୀକୃତି ପ୍ରାପ୍ତ ହୋଇ ଚାଲିଛି। ତେବେ ଗତ କିଛି ଦିନ ହେବ କାକଟପୁରରେ ନୂତନ ଭାବେ ଆଉ ଏକ ଅଟୋ ଆସୋସିଏଶନ ଗଠନ କରି ଏଥିରେ କେତେଜଣଙ୍କୁ ନେଇ ସଭାପତି ଦାୟିତ୍ୱ ଜଣେ ରାଜନେତାଙ୍କ ନେଇଛନ୍ତି। ହେଲେ ଏହାକୁ ପୂର୍ବତନ ଅଟୋ ଆସୋସିଏଶନ ପକ୍ଷରୁ ବିରୋଧ କରି ବୁଧବାର ଏକ ବିରାଟ ଶୋଭାଯାତ୍ରା ବାହାରିଛି। କଲେଜ ଛକଠାରୁ ଶୋଭାଯାତ୍ରା ବାହାରି ତାଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ମୁଳାଗଡ ତହସିଲ ଛକଠାରେ ପହଞ୍ଚି ଥିଲେ। ସେଠାରେ ସମ୍ପୃକ୍ତ ସଭାପତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ମା' ମଙ୍ଗଳା ଅଟୋ ଆସୋସିଏସନର ସଭାପତି ମିହିର ରଞ୍ଜନ ଦୀକ୍ଷିତ, ସମ୍ପାଦକ କିରାଜ କାଣ୍ଡୀ, କୋଷାଧକ୍ଷ ରମେଶ ଚନ୍ଦ୍ର ଭୂୟାଁ, ସେକ ଗୟାସ, ପ୍ରଶାନ୍ତ ଦାସ, ବିନୋଦ ମହାନ୍ତି, ଇରଫାନ ଖାଁ, ଦିଲିପ ଦାସ, ସଞ୍ଜୟ ନାୟକ, ଜାକିର ଅଲ୍ଲୀ, ମନୋରଞ୍ଜନ ଶତପଥି ପ୍ରମୁଖ ୧୭୦ଜଣ ଅଟୋ ଚାଳକ ଯୋଗ ଦେଇଥିଲେ।

# କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ

**ବାଲୁଗାଁ,୨୪।୩(ଡି.ଏନ୍.ଏ.)**

ଦେଶ ସମେତ ରାଜ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଦେଖାଯାଇ ଥିବାବେଳେ ସରକାର ତତ୍ପର ହୋଇଯାଇଛନ୍ତି। ଖୋର୍ଦ୍ଧା ଏବଂ ଅନ୍ୟାନ୍ୟ ଜିଲାରେ ସଂକ୍ରମଣ ଚିହ୍ନଟ ହୋଇଥିବାରୁ ଲୋକମାନଙ୍କ ମଧରେ ଛନକା ପଶିଛି। ଏ ନେଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲାର ପ୍ରଶାସନିକ ଅଧିକାରୀ ଏଦିଗ ପ୍ରତି ଗୁରୁତ୍ୱ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀ ଏବଂ ଉପଜିଲାପାଳ ଅଶୋକ ବେହୁରିଆଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି କୋଭିଡ୍ କଟକଣା ନିୟମକୁ ଅନୁପାଳନ ନିମନ୍ତେ ଗୁରୁବାରଠାରୁ ୨ଦିନ ଧରି ଡାକବାଜି ଯନ୍ତ୍ର ମାଧମରେ ଲୋକଙ୍କୁ ସଚେତନ କରାଯିବ। ଏହାସତ୍ତ୍ୱେ ଜନସାଧାରଣ କୋଭିଡ୍ ନିୟମ ନ ମାନିଲେ ଆଇନ ଅନୁଯାୟୀ ଶନିବାରଠାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। କୌଣସି ବ୍ୟକ୍ତି ବାହାର ରାଜ୍ୟରୁ ଆସିଲେ ଏବଂ ସେମାନଙ୍କଠାରେ



ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଓ ଅନ୍ୟ ଅଧିକାରୀମାନେ।

### ଆଜିଠୁ ଡାକବାଜି ଯନ୍ତ୍ରରେ କରାଯିବ ସଚେତନ

କରୋନା ଲକ୍ଷଣ ଦେଖାଗଲେ ସଙ୍ଗରୋଧ କେନ୍ଦ୍ରରେ ରଖିବା ପାଇଁ ନିକଟସ୍ଥ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପାଇଁ ଅଞ୍ଚଳବାସୀଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। କୋଭିଡ୍ କଟକଣା ସମ୍ପର୍କିତ ବିଭିନ୍ନ ନିୟମ ତଥା ମାସ୍କ ପରିଧାନ ଓ ସାମାଜିକ ଦୂରତା ବାଧତାମୂଳକ କରାଯାଇଛି। କୌଣସି ସଭା ସମିତି ନିମନ୍ତେ ପ୍ରଶାସନିକ ନିୟମାନୁଯାୟୀ ଅନୁମତି ଆବଶ୍ୟକ। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଶ୍ରେଣୀଗୃହକୁ ସାନିଟାଇଜ୍ କରାଯିବା ସହ ଥର୍ମାଲ ସ୍କ୍ରିନିଂର ବ୍ୟବହାର ନେଇ ଗୁରୁତ୍ୱ ଦିଆଯାଇଛି। କୋଭିଡ୍ ଟେଷ୍ଟ ନିୟମିତ ବୃଦ୍ଧି ପାଇଁ ବ୍ୟବସ୍ଥା କରାଯିବ। ବିଭିନ୍ନ ହୋଟେଲ, ଢାବା ଓ ରେଷ୍ଟୁରାଣ୍ଟଗୁଡ଼ିକରେ କୋଭିଡ୍ ନିୟମ ପାଳନ କରାଯାଉଛି କି ନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ଦାୟିତ୍ୱ ରହିଛି। ଜିଲାର ସମସ୍ତ ନୋଡାଲ ଅଫିସର ନିଜ ଅଞ୍ଚଳରେ କୋଭିଡ୍ କଟକଣା ଉପରେ ବିଶେଷ ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ରହିଛି। ଅଞ୍ଚଳରେ ବଡ଼ ଦୋକାନ ଓ ଶପିଂ ମଲଗୁଡ଼ିକୁ ଗ୍ରାହକଙ୍କ ନାମ ଓ ଯିବା ଆସିବା ସମୟ ରେଜିଷ୍ଟରରେ ଉଲ୍ଲେଖ କରିବା ସହ ବାଧତାମୂଳକ ଭାବେ ମାସ୍କ ପରିଧାନ କରିବେ। "ମାସ୍କ ନାହିଁ ତ ଜିନିଷ ବିକ୍ରି ନାହିଁ" ନିୟମକୁ କାର୍ଯ୍ୟକାରୀ ନିମନ୍ତେ ପ୍ରତ୍ୟେକ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନିୟମକୁ ନ ମାନିଲେ ଜରିମାନା ଆଦାୟ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବୈଠକରେ ଚିଲିକା ଓ ବାଣପୁର ବ୍ଲକ୍‌ର ଉଭୟ ତହସିଲଦାର ଏବଂ ବିଡିଓ, ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମାନସ ରଞ୍ଜନ ବାରିକ, ବାଲୁଗାଁ ଓ ବାଣପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ବ୍ୟବସାୟ ସଂଗଠନର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ଫଗୁ ଦଶମୀରେ ଶ୍ରୀଜୀଉଙ୍କ ଚାଚେରୀ ବେଶ

**ପୁରୀ ଅଫିସ,୨୪।୩**

ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥିରେ ବୁଧବାର ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧାହ୍ନ ଧୂପ ପରେ ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମଧାହ୍ନ ଧୂପ ପରେ ଚାଚେରୀ ବେଶ ହେବ। ବୁଧବାର ଏହି ବେଶରେ ତିନି ବାଡ଼ରେ ମଇଲମ ହୋଇ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଛି। ଚାଚେରୀ ବେଶରେ ମହାପ୍ରଭୁ ଲାଲ ରଙ୍ଗର ବସ୍ତ୍ର ପରିଧାନ କରିଛନ୍ତି। ପାଳିଆ ମେକାପ ଭଣ୍ଡାର ଘରଠାରୁ ଚନ୍ଦନ ଆଣିବାରେ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ଏହାପରେ ରତ୍ନସିଂହାସନ ତିନିବାଡ଼ରେ ଚାଚେରୀ ବେଶ ବଢ଼ିଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ନଳିଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳ, ହରଡ଼ ମାଳି, କୁଣ୍ଡଳ ଚନ୍ଦ୍ରିକା, ଅଣ୍ଟା ପଟି ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗିହେବା ସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗୀ ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀଘରକୁ ବିଜେ ହୋଇ ବେଶ ହୋଇଥିଲେ। ବେଶ ବଢ଼ି ପାଣି ପଡ଼ିଲା ପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଓ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚୁପଚାରରେ ଚାଚେରୀ ଭୋଗ ବଢ଼ିଥିଲା। ପାଣି ପଡ଼ିଲା ପରେ ପୂଜାପଣ୍ଡା ସାମନ୍ତେ, ପରି ମହାପାତ୍ରେ ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ଆଜ୍ଞା ପାଇବା ପରେ ଶ୍ରୀଦୋଳ ଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭମଠକୁ ବିଜେ କରିଥିଲେ। ଠାକୁରମାନଙ୍କ ବିଜେ ପରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଅଳତି ବଢ଼ି ସନ୍ଧ୍ୟା ଧୂପ ନିମନ୍ତେ ପାଣି ପଡ଼ିଥିଲା।

## ସୁନ୍ଦରା ଜାଗାର ବାର୍ଷିକ ଉତ୍ସବ



ଉତ୍ସବରେ ଯୋଗ ଦେଇଥିବା ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ଅତିଥିମାନେ।

**ପୁରୀ ଅଫିସ,୨୪।୩**

ସୁନ୍ଦରା ଜାଗା ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭଲିବଲ ଟୁର୍ନାମେଣ୍ଟର ବିଜେତା ପୁରୀ ପୋଲିସ ଦଳକୁ ନଗଦ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିଭଳି ଉପବିଜେତା ଶାସନଦାମଦରପୁର ଯୋଗମାୟା କ୍ଲବ୍‌କୁ ୩ ହଜାର ଟଙ୍କା ଦିଆଯାଇଛି। କିସ୍ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ଏସିଆଡ୍ ସ୍କୁଲ୍ ସ୍ୱର୍ଣ୍ଣ ବିଜେତା ଶକ୍ତି ସ୍ୱରୂପା ସାହୁଙ୍କୁ ସମ୍ମାନିତ କରାଯାଇଛି। ଜାଗାର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଓ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧୪୯ ବୋତଲ କୋରେକ୍ସ ଜବତ, ୧୦ ଗିରଫ

**ପୁରୀ ଅଫିସ,୨୪।୩**

ବ୍ରାଉନସୁଗାର ପରେ ପୁରୀ ପୋଲିସ କୋରେକ୍ସ କାରବାର ରୋକିବାକୁ ଗୁରୁତ୍ୱ ଦେଉଛି। ୧୦ ଜଣ କୋରେକ୍ସ ବେପାରୀ ଓ ୨ଜଣଙ୍କୁ ପୋଲିସ ନାଁରେ ବଟି ଆଦାୟ କରୁଥିବା ଅଭିଯୋଗରେ ପୁରୀ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିଥିବା ବୁଧବାର ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି। ୧୦ କୋରେକ୍ସ ବେପାରୀଙ୍କଠାରୁ ୨୧୪୯ ବୋତଲ କୋରେକ୍ସ ଓ ଏକ ବାଇକ୍ ଜବତ ହୋଇଛି। ବାସେଳୀ ସାହି ଥାନା ଅନ୍ତର୍ଗତ ଅଞ୍ଚଳରୁ ୧ହଜାର ୧୫ଟି କୋରେକ୍ସ ବୋତଲ ଜବତ ହୋଇଛି ଓ ୫ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ସୁକାନ୍ତ ବେହେରା, ଗୌତମ ପ୍ରଧାନ, ରାଜା ସ୍ୱାଇଁ, ପଞ୍ଚୁ ବେହେରା ଓ ସଞ୍ଜୟ ପ୍ରଧାନ। ସେହିଭଳି କୁମ୍ଭାରପଡ଼ା ଥାନା ପୋଲିସ ୩ ଅଭିଯୁକ୍ତଙ୍କ କାବୁ ରଥ, ହିମାଂଶୁ ଦାସ ଓ କାହ୍ନୁ ନାୟକଙ୍କଠାରୁ ୮୨୧ ବୋତଲ, ସମୁଦ୍ରକୂଳ ଥାନା ପୋଲିସ ସୁକାନ୍ତ ନାୟକ ଓ ଭୋଳା ନାୟକଙ୍କଠାରୁ ୩୧୩ ବୋତଲ କୋରେକ୍ସ ଜବତ କରିଛି। ଗିରଫ ୧୦ ଜଣଙ୍କ ମଧରେ ୨ଜଣ ସପ୍ଲାୟର ରହିଛନ୍ତି। ସିଟି ଡିଏସ୍‌ପି କହିଛନ୍ତି, ସମ୍ପୃକ୍ତ ୨ ସପ୍ଲାୟର ପୁରୀ ସହରର ବିଭିନ୍ନ କୋରେକ୍ସ ବେପାରୀଙ୍କୁ କୋରେକ୍ସ ଯୋଗାଇଥାନ୍ତି। କୋରେକ୍ସ ଚାଲାଣକୁ ନିୟନ୍ତ୍ରଣ କରିବାରେ ପୋଲିସ ଉଦ୍ୟମ ଜାରି ରଖିଛି। ଆଗାମୀ ଦିନରେ କୋରେକ୍ସ ବେପାର ସହ ସଂପୃକ୍ତ ଥିବା ଅପରାଧୀଙ୍କୁ ଗିରଫ କରାଯିବ। ସେହିପରି ପୋଲିସ ନାଁ ନେଇ ଦାଦାବଟି ଆଦାୟ କରୁଥିବା ସୁମନ୍ତ ସେଠୀ ଓ ମକରଧ୍ୱଜ ଜେନାଙ୍କୁ ଗିରଫ କରାଯାଇଛି। ବଟି ଟଙ୍କାରେ ଏମାନେ କୋରେକ୍ସ ବେପାର କରୁଥିଲେ ଆଇପିସି ଧାରା ୨୭୪, ୨୭୫ ଓ ୨୭୬ ଓ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟ ୧୩ରେ ଏମାନଙ୍କ ବିରୋଧରେ ୩ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ କହିଛନ୍ତି।



### ପୋଲିସ ନାଁ ନେଇ ବଟି ଆଦାୟ କରି ୨ ଗିରଫ

## ପାଇପ୍ ଫାଟି ଗାଁ ଜଳପୂର୍ଣ୍ଣ

**ବଲାଙ୍ଗୀ,୨୪।୩ (ଡି.ଏନ୍.ଏ.)**

ବସୁଧା ଯୋଜନାରେ ବଲାଙ୍ଗୀର ଉଚ୍ଛୁପୁର ଗ୍ରାମର ପ୍ରତ୍ୟେକ ପରିବାର ଘର ଆଗରେ ପାନୀୟ ଜଳ ଯୋଗାଣ ନିମନ୍ତେ କାର୍ଯ୍ୟ ଜାରି ରହିଛି। ପାନୀୟ ଜଳ ପ୍ରକଳ୍ପରୁ ବାହାରି ଥିବା ମୁଖ୍ୟ ପାଇପଠାରୁ ସଂଯୋଗ କାର୍ଯ୍ୟ କରାଯାଉଛି। ଏଥିରେ ବ୍ୟବହୃତ ହେଉଥିବା ପାଇପ୍ ଓ ଟ୍ୟାପ୍ ନିମ୍ନମାନର ହୋଇଥିବା ଯୋଗୁ ପାଇପ୍ ଫାଟି ଜଳ ବାହାରି ଆସି ଗ୍ରାମ ରାସ୍ତା ଜଳପୂର୍ଣ୍ଣ ହୋଇଯାଉଛି। ଉପଭୋକ୍ତାମାନେ ପାନୀୟ ଜଳ ସଂଗ୍ରହ କରି ନ ପାରି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇଲେ ମଧ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଯଥାଶୀଘ୍ର ତଦନ୍ତ ପୂର୍ବକ ପାନୀୟ ଜଳ ଅପଚୟ ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଅନୁଧାନ କରାଯିବ ବୋଲି ବିଡିଓ ମନୋଜ କୁମାର ବେହେରା ପ୍ରକାଶ କରିଛନ୍ତି।

## ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ ହେଉଛି ଭାଗବତ

**ବେଗୁନିଆ,୨୪।୩(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ବୋତଳମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମରେ ବୁଧବାର ଭାଗବତ ମହାସଭା ଅନୁଷ୍ଠିତ ହୋଇଛି। ରାଧାମୋହନ ଦେବ ସତ ଶିକ୍ଷା କେନ୍ଦ୍ରର ପରିଚାଳନାରେ ଆୟୋଜିତ ମହାସଭାରେ ପୁରୀ, ଖୋର୍ଦ୍ଧା, ନୟାଗଡ ଓ କଟକ ଜିଲା ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲେ। ପାଠକ ସଦାନନ୍ଦ ଦାଶ ଶ୍ଳୋକ ପଠନ କରିଥିବାବେଳେ ପଣ୍ଡିତ ଅଖିଳେଶ ପ୍ରସାଦ ପଣ୍ଡା, ଲୋକନାଥ ପଣ୍ଡା ଏବଂ କୃଷ୍ଣଚନ୍ଦ୍ର ପଣ୍ଡା ବ୍ୟାଖ୍ୟା କରିଥିଲେ। ସତ୍ୟ, ଧର୍ମ ଓ ଶାନ୍ତିର ପ୍ରତୀକ ହେଉଛି ଭାଗବତ ପୁରାଣ ବୋଲି ଅତିଥିମାନେ ମତପ୍ରକାଶ ପାଇଥିଲା। ସତ ଶିକ୍ଷାକେନ୍ଦ୍ରର ସଭାପତି ସୁଦର୍ଶନ ପଣ୍ଡା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସଂଗଠକ ଡ. ବନବିହାରୀ ମହାପାତ୍ର ଉପସ୍ଥିତ ଥିଲେ।

## ବିଜୁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ଅସ୍ତରଙ୍ଗ,୨୪।୩ (ଡି.ଏନ୍.ଏ.)**

ବ୍ଲକସ୍ତରୀୟ ବିଜୁ ପଟ୍ଟନାୟକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ନଇଗୁଆଁ ପଞ୍ଚାୟତ ଡେରୁଣିଆ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ ନାୟକ ଉଦ୍‌ଘାଟନ କରିଥିଲେ। ବ୍ଲକ ଉପାଧକ୍ଷା ମୀନତି ସ୍ୱାଇଁ, ଜୟନ୍ତ ତ୍ରିପାଠୀ, କେଦାର ବିଶ୍ୱାଳ, ଚମ୍ପକ ବାରିକ, ସରପଞ୍ଚ ମାନସ ସ୍ୱାଇଁ, ଲକ୍ଷ୍ମୀଧର ଜେନା, ଭୀମସେନ ସ୍ୱାଇଁ, ପ୍ରଶାନ୍ତ ନାୟକ, ଲକ୍ଷ୍ମୀପ୍ରିୟା ମୁଦୁଲି, କୁଞ୍ଜବିହାରୀ ପ୍ରଧାନ, ଚକ୍ରଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ପ୍ରଥମେ ତାଳଦା କ୍ରିକେଟ ଟିମ୍ ଟସ ଜିଣି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୦୧ ରନ କରିଥିଲା। ଜବାବରେ ନଇଗୁଆଁ କ୍ରିକେଟ ୧୪ ଓଭରରେ ୬ ଉଇକେଟ ହରାଇ ୧୦୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସୁକାନ୍ତ ସର୍ବାଧିକ ୨୯ ବଲର ୫୪ ରନ କରି ମ୍ୟାନ ଅଫ ମ୍ୟାଚ ପୁରସ୍କୃତ ହୋଇଥିଲେ। ଜାକିର ହୁସେନ ଓ ଗୁଲଫନ ଖେଳ ପରିଚାଳନା କରିଥିବାବେଳେ ଶୋଭାକର ହେହେରା ଓ ବିଚିତ୍ର ନନ୍ଦ ମଲ୍ଲିକ ଧାରା ବିବରଣୀ ଦେଇଥିଲେ।

## ଜ୍ଞାନଯଜ୍ଞର ପୂର୍ଣ୍ଣାହୁତି

**ବୋଲଗଡ,୨୪।୩ (ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ଶ୍ରୀ ଶ୍ରୀ ତାରେଶ୍ୱରଦେବଙ୍କ ପୀଠରେ ଚାଲିଥିବା ଶ୍ରୀମଦ୍ ରାମଚରିତ ମାନସନବାହ୍ନ ପାରାୟଣ, ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନ ଯଜ୍ଞର ବୁଧବାର ପୂର୍ଣ୍ଣାହୁତି ହୋଇଛି। ଏହି କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ତାରେଶ୍ୱରଦେବଙ୍କ ମାନସ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ହୋଇଥିଲା। ୯ଦିନ ଧରି ନବାହ୍ନ ପାରାୟଣ ପତିଦିନ ପ୍ରାତଃ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହେଉଥିବା ବେଳେ ପ୍ରତି ସନ୍ଧ୍ୟାରେ ପ୍ରବଚକମାନେ ପ୍ରବଚନ ଦେଇଥିଲେ।

# ନ୍ୟାୟ ନ ପାଇ ତହସିଲ ଅଫିସରେ ବସିଲେ ତିଳୋତ୍ତମା

**କଣାସ,୨୪।୩(ସ୍ୱ.ପ୍ର.)**

କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତ ସବଳଙ୍ଗ ଗ୍ରାମର ତିଳୋତ୍ତମା ମହାପାତ୍ର ବିଜୁ ପକ୍କାଘର ନିର୍ମାଣ ପାଇଁ ନିର୍ଦ୍ଦେଶ ପାଇଥିଲେ ମଧ କେତେଜଣ ବ୍ୟକ୍ତି ଗୃହ ନିର୍ମାଣ କରାଇ ଦେଉନାହାନ୍ତି। ଏ ନେଇ ସେ ବିଡିଓ, ତହସିଲଦାର, କଣାସ ଥାନା ଭାରପ୍ରାପ୍ତ ଅଧିକାରୀ, ଜିଲାପାଳ ପୁରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିବା ବେଳେ ନ୍ୟାୟ ନ ପାଇବାରୁ ବୁଧବାର କଣାସ ତହସିଲ କାର୍ଯ୍ୟାଳୟ ପରିସରରେ ବସିରହିଥିବା ଦେଖିବାକୁ ମିଳିଥିଲା। ଏପରି କି ସେ ବିଜୁ ପକ୍କାଘର ନିର୍ମାଣ ପାଇଁ କିଣିଥିବା ପଥରକୁ କେତେଜଣ ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା କଣାସ ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ସେଥିପ୍ରତି ଦୃଷ୍ଟି ଦେଇ ନ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପଞ୍ଜୀକୃତ ସଂଖ୍ୟା ସିଏମ୍‌ଓଏଫଏଫ /ପି/୨୦୨୧/ ୦୦୩୦୩ ତା।୯।୩।୨୦୨୧ ରିଖରେ ଅଭିଯୋଗ କରିବାପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓ କଣାସଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରୁ ପତ୍ର ଆସିଥିଲା। ଏହାସହ ଅନେକ ପକ୍କାଘର ଥିବା ଲୋକ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଥିବା ନେଇ ଏକ ଅଭିଯୋଗ ପତ୍ର ତିଳୋତ୍ତମା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ କରିଛନ୍ତି। ତାହାର ପଞ୍ଜୀକରଣ ସଂଖ୍ୟା ୦୦୩୦୪। ସେହି ଅଭିଯୋଗ ଅନୁଯାୟୀ ବିଡିଓଙ୍କୁ ପୁନଶ୍ଚ ଆଉ ଏକ ପତ୍ର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆସିଥିବା ଜଣାପଡିଛି । ଏ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା କହିଛନ୍ତି, ଆମେ ବାରମ୍ବାର ଜାଗା ମାପଚୁପ ପାଇଁ ତିଳୋତ୍ତମାକୁ ଡାକୁଛୁ ମାତ୍ର ସେ ଯାଉ ନାହାନ୍ତି । ଏ ନେଇ ତିଳୋତ୍ତମା ମଧ କହୁଛନ୍ତି ଯେ, ସେ ଗାଁକୁ ଗଲେ ଲୋକେ ମାରଧର କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି ।

# ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୨୪।୩**

### ବିଜୁ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଖୋର୍ଦ୍ଧା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ସପ୍ତାହେ ବ୍ୟାପୀ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚରେ ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୫୦ ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଧାୟକ ସାହୁ, ଦେବୀପ୍ରସାଦ ତ୍ରିପାଠୀ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଜିଲା ଯୁବ ସଭାପତି ରାଜେଶ ପରିଡ଼ା ଓ ଛାତ୍ର ସଭାପତି ବିଶ୍ୱଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ଖୋର୍ଦ୍ଧା ବିଜୁ ଯୁବ ଓ ଛାତ୍ର ବିଜେଡି ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଯୁବ ବିଜେଡି ଟିମ୍ ଟସ ଜିଣି ୧୩ ଓଭରରେ ୮ଉଇକେଟ ହରାଇ ୯୧ ରନ କରିଥିଲା। ଜବାବରେ ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳ ୪ ଉଇକେଟରେ ୯୨ ରନ୍ କରି ମ୍ୟାଚ ଜିତିଥିଲା। ବିମଳ ମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ୍, ଅଶୋକ ଛୋଟରାୟ ମ୍ୟାନ ଅଫ୍ ଦି ସିରିଜ ଏବଂ କୁନା ପଣ୍ଡା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରକାଶ ପଟ୍ଟନାୟକ ଏବଂ ଅସିତ ପରିଡ଼ା ଅମ୍ପାୟରିଂ କରିଥିଲେ। ଅସିତ ଦାସ ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅଭିଷେକ ସିଂସାମନ୍ତ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ମହାପାତ୍ର, ଅବିନାଶ ପଟ୍ଟନାୟକ, ଅର୍ଚ୍ଚିସ୍ମନ ପଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଧାୟକ ଏକାଦଶ ମଧରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ହୋଇଥିଲା। ମନ୍ତ୍ରୀ ଅରୁଣ ସାହୁ, ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଜେଡ଼ି ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ବହୁ ବିଧାୟକ ଏଥିରେ ସାମିଲ ହୋଇଥିଲେ।



ବିଜୁ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ମ୍ୟାଚରେ ବିଜୟୀ ଦଳକୁ ମନ୍ତ୍ରୀ ପ୍ରତାପ ଜେନା ଟ୍ରଫି ପ୍ରଦାନ କରୁଛନ୍ତି।

# ପିପିଲି ଉପନିର୍ବାଚନ: ଆସନ ହାତେଇବାକୁ ସଜବାଜ

**ପୁରୀ ଅଫିସ,୨୪।୩**

ପିପିଲି ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଲାଣି। ଆସନ୍ତା୧୭ ତାରିଖରେ ଏଠାରେ ଉପ ନିର୍ବାଚନ ହେବ। ଏଥିପାଇଁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ସୁଦ୍ଧା ନିର୍ବାଚନ ପ୍ରସ୍ତୁତିକୁ ଜୋର୍‌ଦାର କଲେଣି। ପ୍ରତ୍ୟେହ ରାଜନୈତିକ ବୈଠକ ବସୁଛି। ଭାଜପା ଓ ବିଜେଡିର ନେତାମାନେ ନିର୍ବାଚନମଣ୍ଡଳୀରେ ଡେରା ପକାଇବା ଆରମ୍ଭ କରିସାରିଥିବାବେଳେ କଂଗ୍ରେସରେ ମଧ ସଜବାଜ ଚାଲିଛି। ୨୦୧୯ ସାଧାରଣ ନିର୍ବାଚନରେ ପିପିଲିରେ ପ୍ରଦୀପ ମହାରଥୀ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ଠାରୁ ୧୫,୭୮୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ମହାରଥୀ ୮୮,୫୧୮ ଭୋଟ ପାଇଥିବାବେଳେ ଆଶ୍ରିତ ପଟ୍ଟନାୟକ ୭୨,୭୩୧ ଏବଂ କଂଗ୍ରେସର ଅଜିତ ମଙ୍ଗରାଜ ମାତ୍ର ୯,୮୩୦ ଭୋଟ ପାଇଥିଲେ। ଚଳିତ ଉପନିର୍ବାଚନରେ ପିପିଲି ରାଜନୈତିକ ଚିତ୍ରପଟ ପୂର୍ବଥର ଭଳି ନ ଥିଲେ ମଧ ଏଠାରେ ବିଜେଡି ଓ ଭାଜପା ମଧରେ କଡ଼ା ମୁକାବିଲା ହେବ ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି। ପିପିଲି ନିର୍ବାଚନ ମଣ୍ଡଳୀରେ ସର୍ବମୋଟ ୪୬ ପଞ୍ଚାୟତ ମଧରୁ ପିପିଲି ବ୍ଲକରେ ୨୫ ଓ ଡେଲାଙ୍ଗ ବ୍ଲକରେ ୨୧ ପଞ୍ଚାୟତ ରହିଛି। ଏହାବ୍ୟତୀତ ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳ ମଧ ରହିଛି।



ବିଜେଡି ପିପିଲିରେ କାହାକୁ ପ୍ରାର୍ଥୀ କରିବ ସେନେଇ ବିଧିବଦ୍ଧ ଘୋଷଣା ହୋଇ ନ ଥିଲେ ମଧ ମହାରଥୀଙ୍କ ପରିବାରରୁ କାହାକୁ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଛି। ବିଜେଡି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଇତିମଧରେ ଦଳ ପଞ୍ଚାୟତସ୍ତରରେ ଦାୟିତ୍ୱ ବାଣ୍ଟି ସାରିଲାଣି। ପିପିଲି ବ୍ଲକ ଦାୟିତ୍ୱରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅତନୁ ସବ୍ୟସାଚୀ ନାୟକଙ୍କୁ ମିଳିଥିବାବେଳେ ଡେଲାଙ୍ଗ ମନ୍ତ୍ରୀ ସୁଶାନ୍ତ ସିଂ ଓ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ପରିଚାଳିତ ହେବ। ଏସବୁ ବାଦ୍ ଅନେକ ବିଧାୟକଙ୍କୁ ଟିମ୍ ଲିଡର ଭାବେ ମଧ ଦାୟିତ୍ୱ ମିଳିଛି। ଏମାନେ ପଞ୍ଚାୟତସ୍ତରରେ କାର୍ଯ୍ୟ କରିବେ। ଟିମ୍ ଲିଡରଙ୍କୁ ସହଯୋଗ କରିବା ପାଇଁ ଯୁବ, ଛାତ୍ର ଓ ମହିଳା କ୍ୟାଡରର ଜଣେ ଜଣେ ସଦସ୍ୟ ଓ ମୁଖ୍ୟାଳୟର ଜଣେ ସଦସ୍ୟ ରହିବେ। ଟିମ୍ ଲିଡର ଭାବେ ପ୍ରଣବ ବଳବନ୍ତରାୟ, ଧ୍ରୁବଚରଣ ସାହୁ, ବିଭୂତି ବଳବନ୍ତରାୟ, ବ୍ୟୋମକେଶ ରାୟ, ପ୍ରଭାତ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଭାଜପା ଜିଲା ସଭାପତି ତଥା ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଆଶ୍ରିତଙ୍କୁ ଦଳୀୟ ଟିକେଟ ମିଳିବା ନେଇ ଚର୍ଚ୍ଚା ହେଉଥିବାବେଳେ ଡେଲାଙ୍ଗର ଦୁର୍ଗା ରାଉତରାୟ ମଧ ଆଶାୟୀ ତାଲିକାରେ ଥିବା ଶୁଣିବାକୁ ମିଳୁଛି। ଭାଜପା ଜିଲା ସଭାପତି ଆଶ୍ରିତଙ୍କ କହିବା ହେଲା, ଦଳ ଭିତରେ କାହାରି ମହତ୍ତ୍ୱାକାଂକ୍ଷାକୁ ଭୁଲ୍ ବୋଲି କୁହାଯାଇପାରିବ ନାହିଁ। ସୋମବାର ଦଳର ଜିଲା ଟିମ୍ ଘୋଷଣା ହୋଇଛି। ଉକ୍ତ ଟିମ୍ ପିପିଲି ଉପନିର୍ବାଚନ ପାଇଁ କାର୍ଯ୍ୟ କରିବା ସହ ଦଳୀୟ କର୍ମୀଙ୍କୁ ଦାୟିତ୍ୱ ବାଣ୍ଟିବା ଉପରେ କାର୍ଯ୍ୟ କରିବ। ଟିକେଟ ଘୋଷଣା ନେଇ ଦଳର ରାଜ୍ୟ ନେତୃମଣ୍ଡଳୀ ଯାହା ନିଷ୍ପତ୍ତି ନେବେ ତାକୁ ଆମେ ଗ୍ରହଣ କରିବୁ। ଅନ୍ୟପକ୍ଷରେ କଂଗ୍ରେସ ମଧ ପଞ୍ଚାୟତସ୍ତରରେ ଖୁବ୍ ଶୀଘ୍ର ଟିମ୍ ଗଠନ କରି କାର୍ଯ୍ୟ ଆରମ୍ଭ କରିବ ବୋଲି କଂଗ୍ରେସ ଜିଲା ସଭାପତି ଅଜିତ ମଙ୍ଗରାଜ କହିଛନ୍ତି। ତେବେ ମୋଟାମୋଟି ଭାବେ ନିର୍ବାଚନର ପାଣିପାଗ କୁଆଡ଼େ ଯିବ ତାହା ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ସବୁ ରାଜନୈତିକ ଦଳର ଫୋକସ୍ ଏବେ ଡେଲାଙ୍ଗ ଉପରେ ରହିଛି।